# ଜିଲାପାଳଙ୍କ ନିକଟରେ ଅଭିଭାବକଙ୍କ ଅଭିଯୋଗ

## ଡ୍ରପ୍ ଆଉଟ୍ ଛାତ୍ରୀଛାତ୍ରଙ୍କ ପୁନର୍ବାର ଶିକ୍ଷା ଗ୍ରହଣ ଧୂଆଁବାଣ

ମାଲକାନଗିରି,୩।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ୫ ହଜାରରୁ ଉର୍ଦ୍ଧ୍ୱ ଅଧାରୁ ପାଠ ଛାଡ଼ିଥିବା ଛାତ୍ରୀଛାତ୍ରଙ୍କୁ ପୁନର୍ବାର ଶିକ୍ଷା ଗ୍ରହଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ଛାତ୍ରାବାସରେ ରଖି ଶିକ୍ଷାଦାନ ସହ ଖାଦ୍ୟପେୟ, ଶିକ୍ଷା ସାମଗ୍ରୀ ଇତ୍ୟାଦି ସମସ୍ତ ଖର୍ଚ୍ଚ ସରକାର ବହନ କରିବା ପାଇଁ ନିଷ୍ପତ୍ତି ନେଇ ମାଲକାନଗିରି ଜିଲା ମାଥିଲି ବ୍ଲକ ବାପୁଜୀ ଉଚ୍ଚ ବିଦ୍ୟାଳୟ, ଅଁଳାପଦରରେ ଛାତ୍ରୀମାନଙ୍କ ନିମନ୍ତେ ଏକ ଛାତ୍ରୀନିବାସ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ତାର୍ଲାକୋଟାରେ ଛାତ୍ରମାନଙ୍କ ପାଇଁ ଏକ ଛାତ୍ରାବାସ ୨୦୨୨ ଜୁନ୍‌ରେ ଖୋଲାଯାଇଥିଲା । ଦୁର୍ଭାଗ୍ୟର ବିଷୟ ଗତ ମେ ୧୫ରେ ୧୫ଦିନ ପାଇଁ ଗ୍ରୀଷ୍ମକାଳୀନ ଛୁଟି ହେବା ପରେ ଏହି ଛାତ୍ରୀଛାତ୍ରମାନେ ନିଜ ନିଜ ଘରକୁ



ଅଭିଭାବକମାନେ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଛନ୍ତି ।

ଫେରିଯାଇଥିଲେ । ପୁନର୍ବାର ଜୁନ୍‌ରେ ସମସ୍ତ ବିଦ୍ୟାଳୟ ଖୋଲାଯାଇଥିବା ବେଳେ ଅଦ୍ୟାବଧି ଏହି ଦୁଇଟି ବିଦ୍ୟାଳୟରେ ଥିବା ଛାତ୍ରାବାସଗୁଡ଼ିକ ବର୍ତ୍ତମାନ ସୁଦ୍ଧା ଖୋଲାଯାଇନାହିଁ । ଫଳରେ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହେଉଛନ୍ତି।

ମଙ୍ଗଳବାର ଏହି ଦୁଇଟି ବିଦ୍ୟାଳୟରେ ଶିକ୍ଷା ଗ୍ରହଣ କରିଥିବା ଡ୍ରପ୍ ଆଉଟ ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ବିଦ୍ୟାଳୟ ଖୋଲିବା ପାଇଁ ମାଲକାନଗିରି ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଏହି ଦୁଇଟି ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରୀଛାତ୍ରମାନେ ମଧ୍ୟ ଅଛନ୍ତି। ବର୍ତ୍ତମାନ ବିଦ୍ୟାଳୟ ଖୋଲିବା ୪ ମାସ ବିତିଥିଲେ ସୁଦ୍ଧା ଏହି ଦଶମ ଶ୍ରେଣୀ ଛାତ୍ରୀଛାତ୍ର ଶିକ୍ଷା ଗ୍ରହଣ କରିପାରୁନାହାନ୍ତି। ଫଳରେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହେବା ସମ୍ଭାବନା ରହିଛି। ଏଥିରୁ ସ୍ପଷ୍ଟ ହେଉଛି, ରାଜ୍ୟ ସରକାରଙ୍କ ତରଫରୁ ହୋଇଥିବା ଡ୍ରପ୍ ଆଉଟ ଛାତ୍ରୀଛାତ୍ରଙ୍କ ପୁନର୍ବାର ଶିକ୍ଷା ଗ୍ରହଣ ଧୂଆଁ ବାଣ । ଏହି ଦୁଇଟି ଛାତ୍ରାବାସରେ ମୋଟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ବର୍ତ୍ତମାନ ସେମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ବୋଲି ଉଲ୍ଲେଖ ରହିଛି। ତେଣୁ ତୁରନ୍ତ ଏହି ଦୁଇଟି ବିଦ୍ୟାଳୟର ଛାତ୍ରାବାସକୁ ଖୋଲିବା ପାଇଁ ଅଭିଭାବକମାନେ ଜିଲାପାଳଙ୍କୁ ଦାବିପତ୍ର ମାଧ୍ୟମରେ ଜଣାଇଛନ୍ତି ।

## ସଂକ୍ଷେପରେ

### ଏମ୍‌ଭି ୧୮ ପ୍ରାଥମିକ ବିଦ୍ୟାଳୟରେ ସୁରଭି



ମାଲକାନଗିରି, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଗୋରାଖୁଣ୍ଟା ପଞ୍ଚାୟତ ଏମ୍‌ଭି ୧୮ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଛାତ୍ରମାନଙ୍କୁ ନେଇ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୋନ୍ ୨ ଜିଲା ପରିଷଦ ସଦସ୍ୟ ମୁକା ମାଡକାମି, ପୂର୍ବତନ ସରପଞ୍ଚ ଏରା ପଡିଆମି, ସିଆରସିସି ମଧୁମଙ୍ଗଳ ସରକାର, ଅଂଶଗ୍ରହଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଝୋଟି, ଚିତ୍ରାଙ୍କନ, ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରମାନେ ଯେପରି ଛବି ଆଙ୍କି ପାରୁଛନ୍ତି, ଭଲ ଜିନିଷକୁ ଦେଖିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ସେହିପରି ଭଲ ପାଠ ପଢିବା ସହ ବିଭିନ୍ନ କଳା ଶିକ୍ଷା ଗ୍ରହଣ କରିବା ଅଭ୍ୟାସ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ ସହ ସଙ୍ଗୀତ ଏବଂ କ୍ରୀଡାରେ ମଧ୍ୟ ରୁଚି ରଖିବା ଉଚିତ । ଯଦ୍ୱାରା ସେମାନଙ୍କ ଶାରିରୀକ, ମାନସିକ ସ୍ତରରେ ଶକ୍ତି ବୃଦ୍ଧି ପାଇଥାଏ । ଏଥିସହ ପରିଷ୍କାର ପରିଚ୍ଛନ୍ନତା, ପ୍ରତି ଦୃଷ୍ଟି ଦେଲେ ଜଣେ ସୁସ୍ଥ ଶରୀର ସହ ଆଗାମୀ ଦିନରେ ସୁନାଗରିକ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

### ଶିକ୍ଷା ବିକାଶ ସମିତିର କାର୍ଯ୍ୟକାରିଣୀ ବୈଠକ

ଜୟପୁର, ୩।୧୦ (ପବନ ପାଣିଗ୍ରାହୀ)

ଶିକ୍ଷା ବିକାଶ ସମିତି ର କାର୍ଯ୍ୟକାରିଣୀ ବୈଠକ ଜୟପୁରରେ ଅନୁଷ୍ଠିତ ହୋଇଛି। ବିଦ୍ୟା ଭାରତୀ ପୂର୍ବକ୍ଷେତ୍ରର ସଙ୍ଗଠନ ମନ୍ତ୍ରୀ ଦିବାକର ଜୀ ଘୋଷ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିକାଶ ସମିତି ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ଡ. ପ୍ରଦୀପ ସାହୁ, ସମ୍ପାଦକ କମଳାକାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ଡ. ତରୁଲତା ଦେବୀ ଏବଂ ସଙ୍ଗଠନ ମନ୍ତ୍ରୀ ତାରକ ଦାସ ମଞ୍ଚାସୀନ ଥିଲେ। ଡ. ତରୁଲତା ଦେବୀ ଅତିଥି ପରିଚୟ ଓ ସମ୍ପାଦକ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସଙ୍ଗଠନ ମନ୍ତ୍ରୀ ଦାସ ସରକାରଙ୍କ ବିଦ୍ୟାଭାରତୀ ଉନ୍ମେଷ ଓ ବିକାଶ ଯାତ୍ରା ଉପରେ ଆଲୋକପାତ କରିଥିଲେ। ବୈଠକରେ ୧୪ଟି ବିଷୟରେ ଚର୍ଚ୍ଚା ହୋଇଥିଲା। ଜିଲା କେନ୍ଦ୍ର ବିଦ୍ୟାଳୟ ସଶକ୍ତୀକରଣ, ଶ୍ରେଣୀ କକ୍ଷ ପରିଚାଳନା, ଆଧାରଭୂତ ବିଷୟ କ୍ରିୟାନ୍ୱୟନ, ବିମର୍ଷ, ପତ୍ରିକା, ସଂସ୍କୃତ ସମ୍ଭାଷଣ, ସ୍ପୋକନ ଇଂଲିଶ,ଜାତୀୟ ଶିକ୍ଷା ନୀତି, ଅଭିଲେଖାଗାର ଓ ଆର୍ଥିକ ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉଦ୍‌ଯାପନୀ ଅଭିଭାଷଣରେ ଦିବାକର ଜୀ ଘୋଷ ପ୍ରବାସୀ କାର୍ଯ୍ୟକର୍ତ୍ତାଙ୍କ ପ୍ରବାସ ବିଦ୍ୟାଳୟ କୈନ୍ଦ୍ରିକ ହେଉ, ଲକ୍ଷ୍ୟ ପୂର୍ତ୍ତି ପାଇଁ ହେଉ। ଯାହାଦ୍ୱାରା ସଜ୍ଜନ ଶକ୍ତି ତଥା ରାଷ୍ଟ୍ରୀୟ ଶକ୍ତି ସଶକ୍ତ ହେବ ବୋଲି ସେ କହିଥିଲେ। ବୈଠକରେ ଜିଲା ପ୍ରମୁଖ, ସମ୍ଭାଗ କାର୍ଯ୍ୟକର୍ତ୍ତା, ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତାଙ୍କ ସମେତ ୭୦ଜଣ ଉପସ୍ଥିତ ଥିଲେ।

# ଘରୋଇ କଳିରୁ ସ୍ତ୍ରୀଙ୍କୁ ମାଡ ଅଭିଯୋଗରେ ସ୍ୱାମୀ ଗିରଫ

ବାଲିମେଳା,୩।୧୦(ଶିବଦତ୍ତ ସାହୁ)



ମାଲକାନଗିରି ଜଲା ବାଲିମେଳା ସହର ଥିବା ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳିରୁ ସ୍ତ୍ରୀଙ୍କୁ ମାଡ଼ ମାରି ଗୁରୁତର କରିବା ଅଭିଯୋଗରେ ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ବାଲିମେଳା ଦୁର୍ଗାସାହିରେ ରହୁଥିବା ବିଷ୍ଣୁ ଖରା ଓ ତାଙ୍କ ସ୍ତ୍ରୀଙ୍କ ସହିତ କୌଣସି ଘଟଣାକୁ ନେଇ ଗତ ରବିବାର ରାତିରେ ବଚସା ହୋଇଥିଲା । ଯେଉଁଥିରେ ବିଷ୍ଣୁ ରାଗିଯାଇ ହଠାତ ତାଙ୍କ ସ୍ତ୍ରୀଙ୍କୁ ଭୀଷଣ ମାଡ ମାରି ରକ୍ତାକ୍ତ କରି ଦେଇଥିଲେ । ଏ ନେଇ ବିଷ୍ଣୁଙ୍କ ସ୍ତ୍ରୀ ଶ୍ରୀମତୀ ଖରା ଥାନାରେ ଦ୍ୱାରସ୍ଥ ହୋଇ ସ୍ୱାମୀଙ୍କ ବିରୋଧରେ ଏକ ଲିଖିତ ଏତଲା ଦେଇଥିଲେ । ପୋଲିସ ନଂ.୩୧୭/୨୩ରେ ଏକ ମାମଲା ରୁଜୁ କରିବା ସହ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ବାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସ୍ତ୍ରୀଙ୍କୁ ମାଡ ଅଭିଯୋଗରେ ବିଷ୍ଣୁଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

# ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସୁଖ ଦୁଃଖ ବୁଝିଲେ ଜିଲା ନ୍ୟାୟାଧୀଶ



ବିଚାରପତି ବୃଦ୍ଧାଶ୍ରମରେ ଅନ୍ତେବାସୀଙ୍କ ସହ ଆଲୋଚନା କରୁଛନ୍ତି ।

ମାଲକାନଗିରି, ୩।୧୦ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ସଦର ମହକୁମାରେ ଥିବା ବୃଦ୍ଧାଶ୍ରମକୁ ମାଲକାନଗିରି ଜିଲା ନ୍ୟାୟାଧୀଶ ଅଜନ୍ତା ଷଡଙ୍ଗୀ ପରିଦର୍ଶନକରି ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁଖ ଦୁଃଖ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ବୃଦ୍ଧାଶ୍ରମରେ ରହୁଥିବା ବୃଦ୍ଧାବୃଦ୍ଧମାନେ କେଉଁ ପରିସ୍ଥିତିରେ ପଡି ଏହି ଆଶ୍ରମରେ ଆଶ୍ରୟ ନେଇଛନ୍ତି ସେ ସମ୍ବନ୍ଧରେ ବୁଝିଥିଲେ । ଆଶ୍ରମରେ ସେମାନଙ୍କ ଖାଦ୍ୟପେୟ, ଶରୀର ପ୍ରତି କି ପ୍ରକାର ଯତ୍ନ ନିଆଯାଉଛି, ବସ୍ତ୍ର, ପରିଷ୍କାର ପରିଚ୍ଛନ୍ନତା ଓ ଯୋଗ ଇତ୍ୟାଦି ଠିକ୍ ସମୟରେ ପାଉଛନ୍ତି କି ନାହିଁ ସେ ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଦାୟିତ୍ୱରେ ଥିବା ଅଧିକାରୀ ଯେପରି ଏହି ବରିଷ୍ଠ ନାଗରିକ ତଥା ଅସହାୟ ବୃଦ୍ଧ ବୃଦ୍ଧାଙ୍କ ଯତ୍ନରେ କୌଣସି ଅସୁବିଧା ନ ହୁଏ ସେଥିପ୍ରତି ପରାମର୍ଶ ଦେବା ସହ ସେମାନଙ୍କ ଅଧିକାର ଉପରେ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନସେବା ପ୍ରାଧିକରଣ ସମ୍ପାଦକ ତଥା ବିଚାରପତି ରାକେଶ କୁମାର ମୁଦୁଲି, ମାଥିଲି ଜେଏମ୍ଏଫ୍‌ସି ପଦ୍ମନାଭ ମାଝି, ମୁଖ୍ୟ ଆଇନସେବା ପ୍ରଶିକ୍ଷକ ତଥା ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ, ଆଇନଜୀବୀ ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ଅନାଥ ଶିଶୁଙ୍କ ଥଇଥାନ ପାଇଁ ଆଇନ ସେବା ପ୍ରାଧିକରଣଙ୍କ ପଦକ୍ଷେପ

ମାଲକାନଗିର, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

ପିତାମାତାଙ୍କୁ ହରାଇ ଦୀର୍ଘଦିନ ଧରି ଅସହାୟ ଅବସ୍ଥାରେ ରହୁଥିବା ୩ ଜଣ ଶିଶୁ ମଙ୍ଗଳବାର ଜିଲା ଆଇନ ସେବା ପ୍ରାଧିକରଣ ନିକଟରେ ଆସି ସେମାନଙ୍କ ଥଇଥାନ ନିମନ୍ତେ ଉପସ୍ଥିତ ହୋଇଥିଲେ । ତଥ୍ୟ ଅନୁଯାୟୀ, ସିନ୍ଧ୍ରିମାଳ ପଞ୍ଚାୟତ ଚମ୍ପାଖାରୀ ଗ୍ରାମର ରଶ୍ମିତା ମାଢୀ, ବର୍ଷା ମାଡି ଓ ସାଗର ମାଡି ତାଙ୍କ ବାପାଙ୍କ ମୃତ୍ୟୁ ପରେ ମା'ଙ୍କ ପାଖରେ ରହୁଥିଲେ। ମା' ମଧ୍ୟ ୨୦୨୧ରେ ରୋଗରେ ପଡି ମୃତ୍ୟୁବରଣ



ଆଇନ ସେବା ପ୍ରାଧୀକରଣ ନିକଟରେ ହାଜର ହୋଇଛନ୍ତି ୩ ଅନାଥ ଶିଶୁ ।

କରିବା ପରେ ନିଜର ବୃଦ୍ଧା ଜେଜେମା ଯିଏ କି ଜଣେ ବିଧବା ତାଙ୍କ ପାଖରେ ରହୁଥିଲେ। ନିଜର ବୃଦ୍ଧା ବିଧବା ଜେଜେମା ବିଭିନ୍ନ ଜାଗାରୁ ଫୁଲ ସଂଗ୍ରହ କରି ଚଳନ୍ତି। ଫୁଲ ବିକ୍ରିକରି ଉକ୍ତ ଟଙ୍କାରେ ସେ ନିଜେ ଚଳି ଏହି ୩ଜଣ ଶିଶୁଙ୍କ ଭରଣପୋଷଣ କରୁଥିଲେ। ତେବେ ଜେଜେମା ମଧ୍ୟ ରୋଗରେ ପୀଡ଼ିତ ଥିବା ବେଳେ ସେ ଅସହାୟ ଅବସ୍ଥାରେ ମଙ୍ଗଳବାର ଜିଲା ଆଇନ ସେବା ପ୍ରାଧିକରଣଙ୍କ ନିକଟରେ ପହଞ୍ଚିବା ପରେ ସଚିବ ବିଚାରପତି ରାକେଶ କୁମାର ମୁଦୁଲି ଆଇନସେବାର ମୁଖ୍ୟ ପ୍ରତିରକ୍ଷା ଓକିଲ ଅଶୋକ କୁମାର ପଟ୍ଟନାୟକଙ୍କ ମାଧ୍ୟମରେ ଶିଶୁ ସୁରକ୍ଷା କମିଟି ସହ ଯୋଗାଯୋଗ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ମାଧ୍ୟମରେ ଶିଶୁ ମଙ୍ଗଳ କମିଟିଙ୍କ ନିକଟରେ ଏହି ଶିଶୁମାନଙ୍କ ପୁନଃ ଥଇଥାନ ତଥା ସୁରକ୍ଷା ନିମନ୍ତେ ହାଜର କରାଯାଇଥିଲା। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ ଓ ଅନ୍ୟାନ୍ୟ ସଦସ୍ୟ ଆଦେଶ ପ୍ରଦାନ ପୂର୍ବକ ଯଥାଯଥ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ।

# ୨୧ କିଲୋ ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ

ବାଲିମେଳା, ୩।୧୦(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ଅପରାହ୍ନରେ କୁଡୁମୁଲୁଗୁମ୍ମା ଫାଣ୍ଡି ଅଧିକାରୀ ଅଜିତ ସିଂ ବରିହାଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ବାଲିମେଳା-ଜୟପୁର ମୁଖ୍ୟରାସ୍ତା ତଥା କୁଡୁମୁଲୁଗୁମ୍ମା ନିକଟସ୍ଥ ପାଣିଘାଟ ଛକ ପାଖରେ ପେଟ୍ରୋଲିଂ କରୁଥିବା ସମୟରେ



ବାଲିମେଳା ପଟୁ ମୁଖ୍ୟ ରାସ୍ତାରେ ୨ ଜଣ ବ୍ୟକ୍ତି ଗୋଟିଏ ବାଇକରେ ଏକ ଜରି ବସ୍ତାରେ କିଛି ସାମଗ୍ରୀ ଧରି ଗୁମ୍ମା ଅଭିମୁଖେ ଆସୁଥିବା ଦେଖି ପୋଲିସ ଅଟକାଇ ବସ୍ତା ଟିକୁ ଖୋଲି ଯାଞ୍ଚ କରିବା ସମୟରେ ଉକ୍ତ ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲା । ଗଞ୍ଜେଇ ଓ ବାଇକକୁ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୨ଜଣ ବ୍ୟକ୍ତିଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ଏ ନେଇ ନଂ.୩୧୮/୨୩ରେ ଏକ ମାମଲା ରୁଜୁ କରାଯାଇଛି। ଜବତ ଗଞ୍ଜେଇ ୨୧ କିଲୋ ଥିବା ଜଣାପଡ଼ିଛି । ଗିରଫ ବ୍ୟକ୍ତି ହେଲେ ମାଲକାନଗିରି ଥାନା ଅନ୍ତର୍ଗତ ଡେଗରା ଗ୍ରାମର ରଘୁନାଥ ହନ୍ତାଳ ଓ ଅନ୍ୟ ଜଣେ ସେହି ଗ୍ରାମର ଗଣେଶ ହନ୍ତାଳ । ଗଞ୍ଜେଇ ଚୋରା ଚାଲାଣ ଘଟଣାରେ ସମ୍ପୃକ୍ତ ଥିବା ଏହି ଦୁଇ ଜଣ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି ।

# ପଡିଆ ଥାନା ପକ୍ଷରୁ ଆଦିବାସୀ ନୃତ୍ୟ, ସାଇବର ସୁରକ୍ଷା ଅଭିଯାନ



ପଡିଆରେ ସାଇବର ସୁରକ୍ଷା ରଥ ନିକଟରେ ଆଦିବାସୀ ନୃତ୍ୟ ।

ପଡିଆ, ୩।୧୦(ଭାସ୍କର ରାଓ)

ପଡିଆ ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ରଥକୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସାଇବର ସୁରକ୍ଷା ରଥ ମଙ୍ଗଳବାର ପଡିଆରେ ପହଞ୍ଚିଛି। ଏହି ଅବସରରେ ଥାନା ଅଧିକାରୀଙ୍କ ନେତୃତ୍ୱରେ ପଡିଆ ୟୁନିୟନ ବ୍ୟାଙ୍କ ନିକଟରୁ ଆଞ୍ଚଳିକ ଆଦିବାସୀ ନୃତ୍ୟ ପରିବେଷଣ ସହ ସାଇବର ସୁରକ୍ଷା ରଥକୁ ସ୍ୱାଗତ କରାଯାଇଥିଲା। ଆଞ୍ଚଳିକ ଢେମେସା ନୃତ୍ୟ ସହ ପଡିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ନିଆ ଯାଇଥିଲା । ସାଇବର ସୁରକ୍ଷା ଅଭିଯାନ ରଥ ମଙ୍ଗଳବାରଠାରୁ ପଡିଆର ବିଭିନ୍ନ ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗ୍ରସ୍ତ କରି ଲୋକେ ସାଇବର ଅପରାଧରୁ ନିଜକୁ କିପରି ସୁରକ୍ଷିତ ରଖିବେ, ସୋସିଆଲ ମିଡ଼ିଆ ବ୍ୟବହାର କ୍ଷେତ୍ରରେ ନିଜକୁ ସତର୍କତା ରଖିବେ, ଯଦି କୌଣସି ବ୍ୟକ୍ତି ସାଇବରର ଶିକାର ହୋଇଛନ୍ତି ତୁରନ୍ତ ନିକଟସ୍ଥ ଥାନାରେ ଅବଗତ କରିବା କିମ୍ବା ସାଇବର ଅପରାଧ ସହାୟତାର ଏକ ଟୋଲ ଫ୍ରି ନମ୍ବର ୧୯୩୦ ରେ ତୁରନ୍ତ ଅବଗତ କରିବା ପାଇଁ ସଚେତନ କରାଯାଇଥିଲା।

# ଆଦିବାସୀ ମହିଳାଙ୍କ ସ୍ୱଚ୍ଛତା ଅଭିଯାନ

ମାଲକାନଗିରି, ୩।୧୦(ଦୁର୍ଯ୍ୟୋଧନ ପାତ୍ର)

ସାରା ଦେଶରେ ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ ତରଫରୁ ଗାନ୍ଧୀ ଜୟନ୍ତୀରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଚାଲୁଥିଲା ବେଳେ ଏଥିରୁ ଆଦିବାସୀ ମହିଳାମାନେ ମଧ୍ୟ ବାଦ୍ ପଡିନାହାନ୍ତି। ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲ୍ଲୀ ପଞ୍ଚାୟତ ପୋନାରଗୁଡାରେ ଶତାଧିକ ଆଦିବାସୀ ମହିଳା ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ନିଜ ଗ୍ରାମ ସଫେଇ କରି ଅନ୍ୟମାନଙ୍କୁ ସ୍ୱଚ୍ଛତାର ବାର୍ତ୍ତା ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଙ୍ଗନୱାଡି, ଆଶାକର୍ମୀମାନଙ୍କ ସହ ମହିଳାମାନେ ଝାଡୁ ଧରି ଗ୍ରାମର ସମସ୍ତ ଗଳିକନ୍ଦି ସଫା



ମହିଳାମାନେ ସଫେଇ କରୁଛନ୍ତି ।

କରିବା ସହ ଘର ଘର ବୁଲି ସମସ୍ତଙ୍କୁ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ । ଆଦିବାସୀ ମହିଳାମାନଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ

କୁଡୁମୁଲୁଗୁମ୍ମା,୩।୧୦(ସୁଜିତ ପଟ୍ଟନାୟକ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତଥା ମାଲକାନଗିରି ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀ କୁଡୁମୁଲୁଗୁମ୍ମାଙ୍କ ଆଦେଶ ଅନୁଯାୟୀ କୁଡୁମୁଲୁଗୁମ୍ମାରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି ' ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୈଠକ ଗୃହରେ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ କ୍ଲଷ୍ଟର ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟର କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଯୋଗଦେଇ ବକ୍ତୃତା, ତର୍କ, ହସ୍ତାକ୍ଷର, ସଂଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ଅଂଶ ଗ୍ରହଣକରି ଆଗାମୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ କ୍ଲଷ୍ଟର ତରଫରୁ ପ୍ରତିନିଧିତ୍ୱ ନିମନ୍ତେ ଚୟନ କରାଯିବା ସହ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ସହକାରୀ ବ୍ଲକ ଶିକ୍ଷାଧିକାରୀ ହେମନ୍ତ କୁମାର ନାଏକ, କୃପାସିନ୍ଧୁ ଆମାଗୁଡିଆ, ଡାରଉଇନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ଗୁଣ୍ଟୁରିଗୁଡା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ସାହୁ, ସାମାଜିକ କର୍ମୀ ବାଳକୃଷ୍ଣ ପ୍ରଧାନ, ସିଆର୍‌ସିସି ଅଜୟ କୁମାର ପୃଷ୍ଟି ଓ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମେଶ ଚନ୍ଦ୍ର ନେଲୁରୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହ ପ୍ରେରଣା ଯୋଗାଇଥିଲେ। ଉତ୍ସବ ପରିଚାଳନାରେ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟମ୍ବଦା ରାଉତ ଓ ସୁଧାକର ନାୟକ ସହଯୋଗ କରିବା ସହ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନେ ଆଗାମୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଭାଗ ନେଇ ସୁନାମ ଆଣିବା ପାଇଁ ସିଆରସିସି ଅଜୟ ପୃଷ୍ଟି ସମସ୍ତ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ।




ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

# ସୁରଭିରେ ସମ୍ବର୍ଦ୍ଧିତ ହେଲେ ଛାତ୍ରୀଛାତ୍ର

କାଳିମେଳା,୩।୧୦(ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଳିମେଳା ବ୍ଲକ କାଳିମେଳା ପଞ୍ଚାୟତ କ୍ଲଷ୍ଟରସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା ସ୍ଥାନୀୟ ଏମ୍‌ଭି ୬୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିମେଷ ମଣ୍ଡଳ ସୁରଭି ଓ ଓଡ଼ିଶା ମିଲେଟସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ କାଳିମେଳା ସିଆରସିସି ରଞ୍ଜିତ ସରକାର ସଂଯୋଜନା କରିଥିଲେ। ପଞ୍ଚାୟତରୁ ମୋଟ ୧୧ ବିଦ୍ୟାଳୟ ଏଥିରେ ଅଂଶଗ୍ରହଣ କରିଥିବା ବେଳେ ସେଥିରୁ ପ୍ରାଥମିକ ବିଦ୍ୟାଳୟ ୫ ଏବଂ ୪ ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଗୋଟିଏ ଆଶ୍ରମ ବିଦ୍ୟାଳୟ ଓ ଗୋଟିଏ ସରକାରୀ ଉଚ୍ଚ ବିଦ୍ୟାଳୟର ମୋଟ ୮୦ ଛାତ୍ରୀ ଛାତ୍ର ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀ ଛାତ୍ରଙ୍କର ସୃଜନଶୀଳତା,ମାନସିକ ଦକ୍ଷତା,ପିଲାଙ୍କର ଅନ୍ତର୍ନିହିତ ଗୁଣଗୁଡ଼ିକୁ ବିକାଶ କରିବା ସହ ପଠନ ଓ ଲିଖନ କୁ ସରସ ସୁନ୍ଦର କରିବାରେ ସହାୟକ ହେବ।



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି ।

ଏଥି ପାଇଁ ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣଜ୍ଞାନ, ରଚନା, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ, ସଙ୍ଗୀତ, ବିତର୍କ, ବକ୍ତୃତା, ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ, ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମକୁ ଚିତ୍ରକଳା ଓ ଶିଳ୍ପ କଳା ଇତ୍ୟାଦି ପ୍ରତିଯୋଗିତା ହୋଇଥିବା ବେଳେ ଓଡ଼ିଶା ମିଲେଟସ ପ୍ରତିଯୋଗିତାରେ କୁଇଜ,ପ୍ରବନ୍ଧ ଲିଖନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଛି । କାର୍ଯ୍ୟକ୍ରମରେ ଜୁନିୟର ବାଳିକା / ବାଳକ ଓ ସିନିୟର୍ ବାଳିକା/ ବାଳକ ଗ୍ରୁପ୍‌ରେ ବିଭକ୍ତ କରାଯାଇ ବିତର୍କ କରାଯାଇଛି। ପ୍ରତି ଇଭେଣ୍ଟରେ ୩ ଜଣକୁ ୧ମ ,୨ୟ, ୩ୟ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯିବ । କିନ୍ତୁ ଏହି ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଛାତ୍ରମାନେ ବ୍ଲକସ୍ତରକୁ ମନୋନୀତ ହେବେ।

କାର୍ଯ୍ୟକ୍ରମରେ କାଳିମେଳା ପଞ୍ଚାୟତସ୍ତରୀୟ ସୁରଭି କାର୍ଯ୍ୟକ୍ରମରୁ ବ୍ଲକସ୍ତରୀୟ କାର୍ଯ୍ୟକ୍ରମ ପାଇଁ ପ୍ରାଥମିକ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରୁ ୧୬ ଜଣ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟରୁ ଏମ୍‌ଭି ୩୫ ପ୍ରାଥମିକ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ସମୀର ଗୋପ, ଏମ୍‌ଭି ୯୦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଅଶୋକ ହାଲଦାର, ମମତା ମହାପାତ୍ର, ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଇ. ଭେଙ୍କଟ ରାବଣା, ଶ୍ୟାମ ସୁନ୍ଦର ଜେନାଙ୍କ ସମେତ ଏମ୍‌ଭି ୬୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶୁଭ୍ରା ରାଣୀ ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସହଯୋଗ କରିଥିଲେ ।

## କୋର୍ଟ ପରିସର ସଫେଇ

ରାୟଗଡ଼ା,(ଭାଗ୍ୟଶ୍ରୀ ମିଶ୍ର)-ରାୟଗଡା ଜିଲା ଜଜ୍ ସତ୍ୟ ନାରାୟଣ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଗାନ୍ଧୀ ଜୟନ୍ତୀ ଅବସରରେ କୋର୍ଟ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା। ପରିବାର ଅଦାଲତ ଜଜ୍ ଅମୃତ ରଞ୍ଜନ ନନ୍ଦ, ଆଡିସନାଲ ଡିଷ୍ଟ୍ରିକ ମାଜିଷ୍ଟ୍ରେଟ ରୀନା ଚୌଧୁରୀ, ଆଡିସନାଲ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ ପୋକ୍ସୋର ସୋନାଲି ପଟ୍ଟନାୟକ, ସିନିୟର ସିଭିଲ ଜଜ୍ ସୌମ୍ୟ ପ୍ରକାଶ ସାହୁ, ସୋନାଲ ଶର୍ମା, ଏସ୍‌ଡିଜେଏମ ବର୍ଷା ଦାସ, ରେଜିଷ୍ଟ୍ରର ଦିବ୍ୟଜ୍ୟୋତି ମହାପାତ୍ର, ରାୟଗଡା ଓକିଲ ସଂଘର ଉପସଭାପତି ପଦ୍ମନାଭ ଦାସ, ସମ୍ପାଦକ ବିଶ୍ୱନାଥ ଗନ୍ତାୟତ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ଥିଲେ। ଆଇନଜୀବୀ ଲାବଣ୍ୟ ମୋହନ ପଟ୍ଟନାୟକ, ବ୍ରଜସୁନ୍ଦର ନାୟକଙ୍କ ସମେତ କୋର୍ଟ କର୍ମଚାରୀମାନେ ସଫେଇ କାର୍ଯ୍ୟରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ବିକଳ୍ପ ସଂଗଠନର ସଚେତନତା ସଭା



ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ଅଭିନବ ଚିନ୍ତାଧାରା ନେଇ ଲୋକଙ୍କ ସେବା ପାଇଁ ନିଜକୁ ନିୟୋଜିତ କରିଛି ବିକଳ୍ପ ସଂଗଠନ । ଗ୍ରାମାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ କରିବା ତଥା ଲୋକଙ୍କ ଭିତରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ସଂଗଠନର ମୂଳ ଲକ୍ଷ୍ୟ। ସୋମବାର ଗାନ୍ଧୀ ଜୟନ୍ତୀ ଅବସରରେ ସଂଗଠନ ତରଫରୁ ରାୟଗଡ଼ା ବ୍ଲକ ଅଧିନସ୍ଥ କୋଡପଡ଼ି ଗ୍ରାମରେ ସଂଗଠନ ପକ୍ଷରୁ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସଂଗଠନର ଉପଦେଷ୍ଟା ତଥା ଶିକ୍ଷାବିତ୍ ଡ.ଦୁଷ୍ମନ୍ତ କୁମାର ମହାନ୍ତି ଲୋକମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପରିମଳ ଉପରେ ସଚେତନ କରେଇଥିଲେ। ଛୋଟ ଛୋଟ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଗାଁର ଦିବ୍ୟାଙ୍ଗ ବାଳିକା ରମା ହୁଇକାଙ୍କୁ ଟ୍ରାଇ ସାଇକେଲ ଯୋଗାଇବା ସହ ଭିନ୍ନକ୍ଷମ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ଗାଁର ବୟସ୍କ ବ୍ୟକ୍ତିଙ୍କୁ ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଳ ବିଭାଜିକା ବିଭାଗ ପ୍ରକଳ୍ପ ପ୍ରଶାସକ ଡ. ଦୟାନିଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଶଶିଭୂଷଣ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସଂଗଠନର ସଦସ୍ୟ ଡ.ପ୍ରସନ୍ନ କୁମାର ଗନ୍ତାୟତ, ଡ. ବିନୋଦ କୁମାର ପାତ୍ର, ଜଗଦୀଶ ଚନ୍ଦ୍ର ଦୋରା, ମନ୍ମଥ ତୁଳ, ରବି ନାରାୟଣ ଶତପଥୀ ତଥା ଝଞ୍ଜାବତୀ ଲାୟନ୍ସ କ୍ଲବର ସମସ୍ତେ ସହଯୋଗ କରିଥିଲେ।

### ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି ପୁରସ୍କୃତ

ରାୟଗଡ଼ା,୩।୧୦(ଭାଗ୍ୟଶ୍ରୀ ମିଶ୍ର )

ଜେକେ କାଗଜକଳର କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ) ବିନୟ ଦ୍ୱିବେଦୀଙ୍କୁ ଚଳିତ ବର୍ଷ ପାଇଁ ବେଷ୍ଟ ସିଇଓ ଭାବେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ 'ଦି ଇଣ୍ଟରଭ୍ୟୁ ଟାଇମ୍ସ'ର ୧୨ ତମ ସ୍ୱନକ୍ଷତ୍ର ଦିବସରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମୁଖ୍ୟ ସଚିବ ତଥା ଡେଭଲପମେଣ୍ଟ କମିଶନର ଅନୁ ଗର୍ଗ ଯୋଗଦେଇ ଦ୍ୱିବେଦୀଙ୍କୁ ପୁରସ୍କୃତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ୨୦ ଜଣ ପ୍ରେରଣାଦାୟୀ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ



କରାଯାଇ ପୁରସ୍କାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ନିର୍ଦ୍ଦେଶକ ବିଭାଗ ଦିଲୀପ ରାଉତରାୟ, ପଦ୍ମଶ୍ରୀ ସୁଦର୍ଶନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୪୩ ଅଭିଯୋଗ ଶୁଣିଲେ ଜିଲାପାଳ

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ମଙ୍ଗଳବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧକ୍ଷତାରେ ଆୟୋଜିତ ଏହି ଯୁଗ୍ମ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ୪୩ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୫ଟି ସାମୂହିକ ଓ ୩୮ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ କେତେଜଣ ଦିବ୍ୟାଙ୍ଗଙ୍କ ଅଭିଯୋଗ ରହିଥିଲା । ଜିଲାପାଳ ସେମାନଙ୍କ ଅଭିଯୋଗ ଶୁଣିବା ପରେ ସେମାନଙ୍କୁ



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟମାନେ।

ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ଆର୍ଥିକ ସହଯୋଗ ଘୋଷଣାକରି ଚେକ୍ ପ୍ରଦାନ କରିଥିଲେ । ୧୨ଜଣଙ୍କୁ ୨ ଲକ୍ଷ ୨୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ

### ୧୨ଜଣଙ୍କୁ ୨ ଲକ୍ଷ ୨୫ ହଜାରର ଆର୍ଥିକ ସହାୟତା ପ୍ରଦାନ

କଲ୍ୟାଣୀ ସଂଘମିତ୍ରା ଦେବୀ, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଦିଲୀପ କୁମାର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲାଲମୋହନ ରାଉତରାୟ, ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ମିଳିଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ତଦନ୍ତକରି ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ସ୍ୱାଧାଦେବ ସିଂ ନିର୍ଦ୍ଦେଶ ଦେଇଥିଲେ ।

# ସଂସଦ ଭବନ କାର୍ଯ୍ୟକ୍ରମରେ ଯୋଗଦେଲେ ରାୟଗଡ଼ାର ୨ ଛାତ୍ରୀ



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ୨ ଛାତ୍ରୀ ଆଫିୟା, ସୋନିଆ ଓ ଶିକ୍ଷକ ପ୍ରମୋଦ ମହାପାତ୍ର।

ରାୟଗଡ଼ା,୩।୧୦ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୋଲନରା ବ୍ଲକ ଅନ୍ତର୍ଗତ ଥେରୁବାଲିସ୍ଥିତ ଇମ୍ପାଲ କ୍ୟାମ୍ପସ ଉଚ୍ଚ ବିଦ୍ୟାଳୟର ୨ ଛାତ୍ରୀ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ଦିଲ୍ଲୀ ସଂସଦ ଭବନରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅଞ୍ଚଳକୁ ଗୌରବାନ୍ୱିତ କରିଛନ୍ତି। ୨ ଛାତ୍ରୀ ହେଲେ ଆଫିୟା ବସିର ଏବଂ ଭି.ସୋନିଆ । ସେଠାରେ ଆଫିୟା ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେଇ ସମସ୍ତଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। ସଂସଦ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମୁଖ୍ୟ ଅତିଥି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ଶେଷ ପରେ ମନ୍ତ୍ରୀ ପ୍ରଧାନ ୨ ଛାତ୍ରୀ ଆଫିୟା, ସୋନିଆ ଏବଂ ଶିକ୍ଷକ ପ୍ରମୋଦଙ୍କୁ ନିଜ ବାସଭବନକୁ ଡାକି ସେଠାରେ ଆଲୋଚନା କରିବା ସହ ୨ ଛାତ୍ରୀ ସୁଦୂର ରାୟଗଡ଼ା ଜିଲାରୁ ଆସିଥିବାରୁ ଖୁସି ବ୍ୟକ୍ତ କରିଥିଲେ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଦାବିପତ୍ର




ସଂଯୁକ୍ତ କିଷାନ ମୋର୍ଚ୍ଚା ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଗୁଣପୁର,୩।୧୦ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁରରେ ମଙ୍ଗଳବାର ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୋଭାଯାତ୍ରା କରାଯାଇଥିଲା। ନୂତନ ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରା ବାହାରି ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁରଙ୍କୁ ପ୍ରଦାନ କରାଯାଇଛି। ଉତ୍ତର ପ୍ରଦେଶର ଲଖିମପୁର ଖେରିରେ କୃଷକ ସଂହାର ପାଇଁ ଦାୟୀ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କୁ ତୁରନ୍ତ ବରଖାସ୍ତ ସହ ଗିରଫ କରାଯିବା, ସବୁ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ କରିବା, କୃଷକମାନଙ୍କ ସମସ୍ତ କୃଷିଋଣ ଛାଡ଼ କରିବା, ଜନବିରୋଧୀ ବିଦ୍ୟୁତ୍ ବିଲ୍‌କୁ ପ୍ରତ୍ୟାହାର, କୃଷକମାନଙ୍କ ନାମରେ ରହିଥିବା ସମସ୍ତ ମିଥ୍ୟା ମାମଲାକୁ ପ୍ରତ୍ୟାହାର କରାଯିବା, ସବୁ କୃଷକ ଓ କୃଷି ଶ୍ରମିକଙ୍କୁ ୬୦ ବର୍ଷ ପରେ ସର୍ବନିମ୍ନ ୫ ହଜାର ଟଙ୍କା ପେନ୍‌ସନ ପ୍ରଦାନ, ଭାଗଚାଷୀଙ୍କୁ ଚାଷୀର ମାନ୍ୟତା ଓ ଜଙ୍ଗଲ ଜମିରେ ଆଦିବାସୀଙ୍କୁ ଅଧିକାର ପ୍ରଦାନ ଆଦି ଦାବି କରାଯାଇଛି । ରାଜ୍ୟ ସମ୍ପାଦକ କେଦାର ଶବରଙ୍କ ସମେତ ଅର୍ଜୁନ ଗମାଙ୍ଗ ଏବଂ ବୁଦ୍ଧଦେବ ଶବରଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା।

# ଯକ୍ଷ୍ମାରୋଗୀଙ୍କୁ ପୋଷଣ କିଟ୍ ପ୍ରଦାନ

ଗୁଡ଼ାରି,୩।୧୦(ପ୍ରମୋଦ କୁମାର ପତି)

ଗୁଡ଼ାରି ଗୋଷ୍ଠୀ କେନ୍ଦ୍ର ପରିସରରେ ମଙ୍ଗଳବାର ୧୧ ଜଣ ଯକ୍ଷ୍ମା ରୋଗୀଙ୍କୁ ମାଗଣାରେ ପୋଷଣ କିଟ୍ ପ୍ରଦାନ କରାଯାଇଛି। ଗୁଡ଼ାରି ବିଡିଓ ଅନିଶା ଦାସଙ୍କ ସମେତ ସହରର ୮ଜଣ ବଦାନ୍ୟ ବ୍ୟକ୍ତି ରୋଗୀଙ୍କୁ ପୋଷଣ କିଟ୍ ଦେବା ସହ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହି ୧୧ଜଣ ରୋଗୀଙ୍କୁ ପୋଷ୍ୟପୁତ୍ର ଭାବେ ଗ୍ରହଣ କରିଛନ୍ତି । ଏହି ୮ ଜଣ ସହୃଦୟ ବ୍ୟକ୍ତି ପ୍ରଧାନମନ୍ତ୍ରୀ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ଉଦାହରଣ ପାଲଟିଛନ୍ତି। ବର୍ତ୍ତମାନ ୬୩ ଯକ୍ଷ୍ମା ରୋଗୀ ଗୁଡ଼ାରି ମେଡ଼ିକାଲରୁ ନିୟମିତ ଔଷଧ ନେଇ ସେବନ କରୁଛନ୍ତି । ସେମାନଙ୍କୁ ମାସିକ ପୁଷ୍ଟିକର ଖାଦ୍ୟ ପାଇଁ ୫୦୦ ଟଙ୍କା ଓ ଗସ୍ତ ଖର୍ଚ୍ଚ ପାଇଁ ୨୫୦ ଟଙ୍କା ଏପରି ମୋଟ ୭୫୦ ଟଙ୍କା ସରକାରଙ୍କ ତରଫରୁ



ମିଳିଥାଏ। ଏହି ୬୩ ଜଣ ରୋଗୀଙ୍କ ମଧ୍ୟରୁ ୧୧ଜଣଙ୍କୁ ଆସନ୍ତା ୬ ମାସ ପର୍ଯ୍ୟନ୍ତ ମାଗଣା ପୋଷଣ କିଟ୍ ମିଳିବ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଡିଡିଓ ମମତା ସାହୁ, ମେଡିକାଲ ଅଧିକାରୀ ଅରୁପାନନ୍ଦ ବେହେରା, ବ୍ଲକ ବିପିଏମ୍ ମାନସ ବାରିକ, ନବୀନ ମହାନ୍ତି, ରଶ୍ମିତା ମହାକୁଡ଼ ଏବଂ ବଦାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଏସଟିଏସ ମନୋଜ କୁମାର ପଣ୍ଡା ପରିଚାଳନା କରିଥିଲେ।

# ପିଲାଙ୍କ ଅନ୍ତର୍ନିହିତ କଳାର ପରିପ୍ରକାଶକରେ ସୁରଭି



ଅତିଥିଙ୍କ ସହ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀ।

### ଜଳନିଧିରେ ସୁରଭି କାର୍ଯ୍ୟକ୍ରମ

ଗୁଡାରି,୩।୧୦ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ ଅନ୍ତର୍ଗତ ଏମ୍‌କେରାଇ କ୍ଲଷ୍ଟରର ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩ କାର୍ଯ୍ୟକ୍ରମ ଜଳନିଧି ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ସିଆର୍‌ସିସି ନୀଳାଞ୍ଚଳ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ଗୁଡାରି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସାଂଗୁଡା ରୂପା ମାଝି ମୁଖ୍ୟ ଅତିଥି ରୂପେ ଯୋଗଦେଇ ପିଲାମାନଙ୍କ ଅନ୍ତର୍ନିହିତ କଳାର ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ । କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ବକ୍ତୃତା, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସଙ୍ଗୀତ, ବିତର୍କ, ପ୍ରବନ୍ଧ ଲିଖନ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକସ୍ତରୀୟ ସୁରଭିରେ ଭାଗନେବେ ବୋଲି ସିଆର୍‌ସିସି ନୀଳାଞ୍ଚଳ ମିଶ୍ର ସୂଚନା ଦେଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ରାଧାମୋହନ ପାଣିଗ୍ରାହୀ ସୁରଭି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ବିନୋଦ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜଳନିଧି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟଲକ୍ଷ୍ମୀ ମୁଦିକୋଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘର ଦାବିପତ୍ର

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

୭ ଦଫା ଦାବି ନେଇ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ପକ୍ଷରୁ ରାୟଗଡ଼ା ଶ୍ରମ ଅଧିକାରୀ ଏବଂ ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମହାସଂଘର ଡିଭିଜନାଲ ସମ୍ପାଦକ ବସନ୍ତ କୁମାର ସେନାପତି, ସାଂଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ପାତ୍ର ଓ ତ୍ରିଲୋଚନ ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ନିର୍ବାହୀ ଯନ୍ତ୍ରୀ ନାୟକ ଦାବିପତ୍ର ପାଇବା ପରେ ଟେଣ୍ଡର ନେଇଥିବା ଠିକା ସଂସ୍ଥା ଜିବି ଇଲେକ୍ଟ୍ରିକାଲର ଅଧିକାରୀଙ୍କୁ ଡାକି ମହାସଂଘର ଉପସ୍ଥିତିରେ ଆଲୋଚନା କରିଥିଲେ । ଠିକା ସଂସ୍ଥା କର୍ମଚାରୀଙ୍କୁ ପେଟ୍ରୋଲ ବାବଦକୁ ମାସିକ ୨୨୦୦ ଟଙ୍କା ଏବଂ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀଙ୍କୁ ଛଟେଇ ନ କରିବା ନେଇ ନିଷ୍ପତ୍ତି ହୋଇଥିବା ମହାସଂଘର ଡିଭିଜନାଲ ସମ୍ପାଦକ ବସନ୍ତ ସେନାପତି ସୂଚନା ଦେଇଛନ୍ତି । ସେହିଭଳି କର୍ମଚାରୀଙ୍କୁ ୮ ଘଣ୍ଟାରୁ ଅଧିକ ସମୟ ଡ୍ୟୁଟି ନ କରିବା ଏବଂ ଅନ୍ୟାନ୍ୟ ଦାବି ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଜିବି ଇଲେକ୍ଟ୍ରିକାଲ ସଂସ୍ଥା ୧୫ ଦିନ ସମୟ ମାଗିଛି । ଯଦି ଠିକା ସଂସ୍ଥା ଓ ଟାଟା ପାୱାର ମହାସଂଘର ଦାବି ନ ମାନନ୍ତି ତେବେ ଆଗାମୀ ଦିନରେ ସମସ୍ତ କର୍ମଚାରୀ ଚାକିରିରୁ ସମୂହ ଇସ୍ତଫା ଦେବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି ବସନ୍ତ ଚେତାବନୀ ଦେଇଛନ୍ତି ।



ନିର୍ବାହୀ ଯନ୍ତ୍ରୀ ନାରାୟଣ ନାୟକ ମହାସଂଘର ଦାବିପତ୍ର ଗ୍ରହଣ କରୁଛନ୍ତି ।

# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟାଙ୍କ ସ୍କୁଲ ପରିଦର୍ଶନ

ମୁନିଗୁଡ଼ା, ୩।୧୦(ରାଧେଶ୍ୟାମ ଅଗ୍ରୱାଲ)

ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ତଥା ରାୟଗଡ଼ା ଜିଲା ବିଜୁ ଜନତା ଦଳର ସଭାପତି ସୁଧୀର କୁମାର ଦାସ ମଙ୍ଗଳବାର ମୁନିଗୁଡାର ନୋଡାଲ ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝିଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ମାଝି ସ୍କୁଲ ପରିସରରେ ଶୋଚନୀୟ ଅବସ୍ଥାରେ ଥିବା ଆଜବେଷ୍ଟ ଶ୍ରେଣୀଗୃହ, ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ । ପରେ ୫-ଟି ଯୋଜନାରେ ହୋଇଥିବା କାର୍ଯ୍ୟଗୁଡିକୁ ଦେଖିବା ସହ ହାଇସ୍କୁଲର



ବିଏସ୍‌କେୱାଇ ଉପଦେଷ୍ଟା ପ୍ରଧାନଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି।

ସମସ୍ତ ଶ୍ରେଣୀଗୃହକୁ ବୁଲି ଦେଖିଥିଲେ । ସ୍କୁଲ ପରିସରରେ ଥିବା କିଛି ପୁରୁଣା ଆଜବେଷ୍ଟ ଶ୍ରେଣୀ ଗୃହକୁ ତୁରନ୍ତ ଭଙ୍ଗାଯାଇ ନୂତନ ଶ୍ରେଣୀ ଗୃହ ନିର୍ମାଣ କରିବା ଓ ହାଇସ୍କୁଲର ଉନ୍ନତି ନିମନ୍ତେ ସରକାରଙ୍କ ତରଫରୁ ପାଣି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଉପଦେଷ୍ଟା ଦାସଙ୍କ ସହ ମୁନିଗୁଡା ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜଗନ୍ନାଥ ନୁନ୍ଦ୍ରୁକା, ବିଜେଡି ସଂଗଠକ ବୃନ୍ଦାବନ ପାଢ଼ୀ, ଟୁନା କରକରିଆ,ସଂଗ୍ରାମ ବନଛୋର, ସ୍ୱାଗତ ସୌମ୍ୟ ଲେଙ୍କା, ଶ୍ୟାମଘନ ଗୌଡ଼ଙ୍କ ସମେତ ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

# ୭ ଦିନ ବନ୍ଦ ରହିବ ଗୁଣପୁର-ବିଶାଖାପାଟଣା ଟ୍ରେନ୍

ଗୁଣପୁର,୩।୧୦ (ପ୍ରଦୀପ କୁମାର ପାଢ଼ୀ)

### ନୌପଡ଼ା ପାରଳାଖେମୁଣ୍ଡି ମଧ୍ୟରେ ଟ୍ରାକ୍ ମରାମତି

ନୌପଡ଼ା ପାରଳାଖେମୁଣ୍ଡି ମଧ୍ୟରେ ଟ୍ରାକ୍ ମରାମତି ସହ ରେଳପଥରେ ଅନ୍ୟ କାର୍ଯ୍ୟ କରାଯିବ । ଏଥିଲାଗି କେତେକ ଟ୍ରେନ୍ ଚଳାଚଳ ବନ୍ଦ କରାଯିବାକୁ ଥିବାବେଳେ ଆଉ କେତେକ ଟ୍ରେନ୍ ଅନ୍ୟ ଷ୍ଟେଶନରୁ ନିଜ ଗନ୍ତବ୍ୟସ୍ଥଳୀକୁ ଯିବ ବୋଲି ବିଶାଖାପାଟଣା ଡିଭିଜନ ପକ୍ଷରୁ ସୂଚନା ଦିଆଯାଇଛି। ୪, ୮, ୧୧, ୧୫, ୧୮, ୨୨ ଏବଂ ୨୫ ତାରିଖରେ ଗୁଣପୁର ବିଶାଖାପାଟଣା ଟ୍ରେନ ଚଳାଚଳ ବନ୍ଦ ରହିବ ବୋଲି କୁହାଯାଇଛି। ମରାମତି କାର୍ଯ୍ୟ ପାଇଁ ରାଉରକେଲା ଗୁଣପୁର ରାଉରକେଲା ରାଜ୍ୟରାଣୀ ଟ୍ରେନ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହେବ। ଚଳିତ ୧୭, ୨୧, ୨୪, ୨୮ ଏବଂ ୩୧ ତାରିଖରେ ରାଉରକେଲା ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଗୁଣପୁର ନ ଆସି ପଲାସାଠାରେ ରହଣି କରିବ । ସେହିଭଳି ୧୮, ୨୨, ୨୫, ୨୯ ଏବଂ ନଭେମ୍ବର ୧ ତାରିଖରେ ପଲାସାଠାରୁ ରାଉରକେଲା ଅଭିମୁଖେ ଯାତ୍ରା କରିବ। ସୂଚନାଯୋଗ୍ୟ, ଚକ୍ରଧରପୁର ଡିଭିଜନ ଅଞ୍ଚଳରେ ଟ୍ରାକ୍ ମରାମତି କାର୍ଯ୍ୟ ପାଇଁ ରାଜ୍ୟରାଣୀ ଗତ ସେପ୍ଟେମ୍ବର ୨୮ ତାରିଖରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବର୍ତ୍ତମାନ ପୁଣି ନୌପଡା ପାରଳାଖେମୁଣ୍ଡି ମଧ୍ୟରେ ଉନ୍ନୟନ କାର୍ଯ୍ୟ ପାଇଁ ପୁଣି ଥରେ ରାଜ୍ୟରାଣୀ ଯାତାୟାତରେ ବାଧା ଉପୁଜିବ । ପାର୍ବଣ ସମୟରେ ରେଳ ବିଭାଗର ଏପରି କାର୍ଯ୍ୟକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ସରକାରୀ ଯୋଜନାର ପ୍ରଚାର କରିବେ କଳାକାର

ରାୟଗଡ଼ା,୩।୧୦ (ଭାଗ୍ୟଶ୍ରୀ ମିଶ୍ର)

### ଲୋକନୃତ୍ୟ କଳାକାରଙ୍କୁ ତାଲିମ

ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପାରମ୍ପରିକ ଲୋକକଳା ମାଧ୍ୟମରେ ଗ୍ରାମାଞ୍ଚଳରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ରାୟଗଡ଼ ବ୍ଲକ ବ୍ଲକ କଳା ସାଂସ୍କୃତିକ ସଂଗଠନର କଳାକାରଙ୍କୁ ୨ ଦିନ ଧରି ତାଲିମ ଦିଆଯାଉଛି । ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ତାଲିମ ଶିବିରକୁ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ଭାରପ୍ରାପ୍ତ ବିଡିଓ କାଳୁଚରଣ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଏ. ସଂମୁଖ ପାତ୍ର, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା, ଜିପିଓ ଗୋପାଳ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ସୁଦୀପ୍ତ ଦାସ, ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନୀଲ ମହାପାତ୍ର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବ୍ଲକ କଳା ସଂସ୍କୃତି ସଂଘର ଉପ ସଭାପତି ସନ୍ତୋଷ କୁମାର ତାଣ୍ଡି ପ୍ରମୁଖ ମଞ୍ଚସୀନ ଥିଲେ। ସନ୍ତୋଷ ତାଣ୍ଡି ସଂଯୋଜନା କରିବା ସହ ତାଲିମ ପ୍ରଦାନ ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରଗତିମୂଳକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ମୁଖ୍ୟତଃ ସରକାରଙ୍କ ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଫସଲ ବୀମା ଯୋଜନା, କୃଷି ଋଣ ସୁଧ, ମଧୁବାବୁ ପେନ୍‌ସନ ଯୋଜନା, ଆମ ଓଡ଼ିଶା ନବୀନ ଓଡ଼ିଶା, ମିଶନ ଶକ୍ତି , ୫ଟି ସ୍କୁଲ ରୂପାନ୍ତରୀକରଣ, କ୍ରୀଡା, ହରିଶ୍ଚନ୍ଦ୍ର ଯୋଜନା, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଆମ ହସ୍ପିଟାଲ ଆଦି ୮ଟି ଯୋଜନା ସମ୍ପର୍କରେ ବିଶଦ ବିବରଣୀ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ବିକେଏସ୍‌ଏସ୍‌ର ସାଧନ ସଭ୍ୟମାନେ ପ୍ରଶିକ୍ଷଣ ନେଇ ନିଜ ସଂଘର ଅନ୍ୟ ସଭ୍ୟମାନଙ୍କୁ ତାଲିମ ଦେବେ। ତାଲିମପ୍ରାପ୍ତ କଳାକାରମାନେ ଗାଁ ଗାଁରେ ଲୋକଙ୍କୁ ଲୋକକଳା ମାଧ୍ୟମରେ ସଚେତନ କରିବେ। ତାଲିମ ଶିବିରରେ ବିଭିନ୍ନ ଯୋଜନା ସମ୍ପର୍କରେ ଅଭିନୟ କରାଯାଇଥିବା ବେଳେ ତତ୍ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଏବଂ ଏକ ଦିନର କାର୍ଯ୍ୟକ୍ରମର ସାରାଂଶ, ଚୂଡ଼ାନ୍ତୀକରଣ ବିଷୟରେ ଆଲୋକପାତ କରାଯାଇଥିଲା । ସେହିପରି ବିଷମକଟକ ବ୍ଲକରେ ତାଲିମ କାର୍ଯ୍ୟକ୍ରମ ଗତ ୨୯ ଓ ୩ ତାରିଖ ୨ଦିନ ଧରି ବିଡିଓ ସଦାଶିବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ବ୍ଲକ ତାଲିମ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମୁଖ୍ୟ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର ଯୋଗଦାନକରି ଯୋଜନା ସମ୍ପର୍କରେ ବିସ୍ତୃତ ଭାବରେ ବୁଝାଇଥିଲେ।

# ୩ ଚକ୍ଷୁହୀନ ସନ୍ତାନଙ୍କ ସାହାରା ବୃଦ୍ଧା ମା'

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ଭିନ୍ନକ୍ଷମଙ୍କ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ରହିଛି ବିଭିନ୍ନ ଯୋଜନା। ହେଲେ ରାୟଗଡ଼ା ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲାରେ ଆଜି ବି କିଛି ସୁବିଧା ପାଇନାହାନ୍ତି ବହୁ ଦିବ୍ୟାଙ୍ଗ। ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଆନ୍ତରିକତା ଅଭାବ ଯୋଗୁ ୩ ଚକ୍ଷୁହୀନ ଝିଅପୁଅଙ୍କ ପେଟ ପୋଷୁଛନ୍ତି ବୃଦ୍ଧା ମା'। କାଶୀପୁର ବ୍ଲକ କୁମ୍ଭାରସିଲା ଗ୍ରାମର ପଦ୍ମିନୀ କୁମ୍ଭାରଙ୍କ ୨ ଝିଅ ଓ ଗୋଟିଏ ପୁଅ ଜନ୍ମରୁ ଚକ୍ଷୁହୀନ। ୩ ଜଣଙ୍କୁ କିଛି ଦେଖାଯାଉ ନାହିଁ। ପଦ୍ମିନୀଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଥିବାବେଳେ କୁଲି ମଜୁରି କରି ୩ ପିଲାଙ୍କ ପେଟ ପୋଷୁଛନ୍ତି ୬୧ ବର୍ଷୀୟା ମା। ପିଲାଙ୍କ ଚିକିତ୍ସା ପାଇଁ ବାରମ୍ବାର ବିଭିନ୍ନ ସ୍ତରରେ ନିବେଦନ କରିଥିଲେ ମଧ୍ୟ ଗୁହାରି ଶୁଣିବାକୁ କେହି ନାହାନ୍ତି। ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭକରି ବିଧାୟକ ଓ ଏମ୍‌ପିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିଜ ସମସ୍ୟା ଅବଗତ କରାଇଛନ୍ତି। ହେଲେ କେହି ମଧ୍ୟ ତାଙ୍କୁ ସାହାଯ୍ୟର ହାତ ବଢ଼ାଇ ନାହାନ୍ତି। ଶେଷରେ ନିରୁପାୟ ହୋଇ ଜିଲାପାଳଙ୍କ ନିକଟକୁ ଆସି ଅଭିଯୋଗ କରିଥିବା ବୃଦ୍ଧା ପଦ୍ମିନୀ କହିଛନ୍ତି।

ପ୍ରକାଶ ଥାଉକି, ପ୍ରାୟ ୧୦ ବର୍ଷ ପୂର୍ବେ ପଦ୍ମିନୀଙ୍କ ସ୍ୱାମୀ ଆରପାରିକୁ ଚାଲିଯାଇଛନ୍ତି। ଫଳରେ ୩ ଚକ୍ଷୁହୀନ ସନ୍ତାନ ବଡ଼ ଝିଅ ହେମଲତା (୩୨), ଦ୍ୱିତୀୟ ଝିଅ ସମ୍ବାରି (୩୦) ଏବଂ ପୁଅ ରାମୁଲ(୨୯) ନିଜ କାମ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । ଏଭଳିକି ଶୌଚ ପାଇଁ ମଧ୍ୟ ସହାୟତା ଲୋଡୁଛନ୍ତି ୩ ଜଣ। ଯୁବାବସ୍ଥାରେ ୩ ପିଲାଙ୍କ ସକାଳୁ ରାତି ପର୍ଯ୍ୟନ୍ତ ସମସ୍ତ ଦାୟିତ୍ୱ ବୃଦ୍ଧା ପଦ୍ମିନୀଙ୍କ କାନ୍ଧରେ ରହିଛି। ତେବେ ପିଲାଙ୍କ ଚକ୍ଷୁ ପରୀକ୍ଷା କରି ଅସ୍ତ୍ରୋପଚାର କରିବା ପାଇଁ ସେ ଗତ କିଛି ବର୍ଷ ହେବ ନିବେଦନ କରି ଚାଲିଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା ଥିବା ସତ୍ତ୍ୱେ କୌଣସି ଗୋଟିଏ ମଧ୍ୟ ତାଙ୍କ ଭାଗ୍ୟକୁ ଜୁଟୁ ନ ଥିବା ଅତ୍ୟନ୍ତ କ୍ଷୋଭର ସହ ସେ କହିଛନ୍ତି। ବହୁବାର ଆବେଦନ ପରେ ଗତ କିଛି ମାସ ହେବ ୩ ପିଲାଙ୍କୁ ଭିନ୍ନକ୍ଷମ ଭତ୍ତା ମାସିକ ୫୦୦ ଟଙ୍କା ଲେଖାଏ ପଞ୍ଚାୟତରୁ ମିଳୁଛି। ହେଲେ ପିଲାଙ୍କ ଆଖି ଅସ୍ତ୍ରୋପଚାର



ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ବୃଦ୍ଧା ପଦ୍ମିନୀଙ୍କ ସହ ୩ ଝିଅପୁଅ ।

### ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ

କରିବା ପାଇଁ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲାପାଳ ସ୍ୱାଧାଦେବ ସିଂ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଲାଲମୋହନ ରାଉତରାୟଙ୍କୁ ସମସ୍ୟା ଜଣାଇ ନିବେଦନ କରିଥିଲେ। ଅଭିଯୋଗ ମିଳିବା ପରେ ଜିଲାପାଳ ତାଙ୍କ ଘରକୁ ମେଡିକାଲ ଟିମ୍ ପଠାଇ ଅନୁସନ୍ଧାନ କରିବା ସହ କିଭଳି ଭାବରେ ଚିକିତ୍ସା ସୁବିଧା ଉପଲବ୍ଧ ହୋଇପାରିବ ସେଥିପ୍ରତି ଧ୍ୟାନଦେବାକୁ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ୩ ଦିବ୍ୟାଙ୍ଗଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୫ ହଜାର ଟଙ୍କା ଲେଖାଏ ସରକାରୀ ସହାୟତା ଦେଇଛନ୍ତି। ତେବେ ଆଗକୁ ଏହି ୩ ଜଣଙ୍କ ଜୀବନଜୀବିକା ନିର୍ବାହ ପାଇଁ ଜିଲା ପ୍ରଶାସନ ପକ୍ଷରୁ କ'ଣ ସ୍ଥାୟୀ ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୪ ଅକ୍ଟୋବର, ୨୦୨୩



## ସଂକ୍ଷେପରେ

## ଆରବିକ ସେମି ୱାସେଡ୍‌କୁ ମାନ୍ୟତା

### ପ୍ରତିଯୋଗିତାରେ କୋରାପୁଟ କଫି ଶ୍ରେଷ୍ଠ

ଜୟପୁର,୩।୧୦(ପବନ ପାଣିଗ୍ରାହୀ)

ଆରବିକ ସେମି ୱାସେଡ୍ ସମଗ୍ର ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିବାରେ ସଫଳ ହୋଇଛି। ଏହି ସଫଳତା କୋରାପୁଟ ଏ-୧ କଫିକୁ ଏକ ନୂତନ ପରିଚୟ ଦେଇଛି। ଗତ ୨୫ ରୁ ୨୭ ତାରିଖ ମଧ୍ୟରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଥିବା ବିଶ୍ୱ କଫି ସମ୍ମିଳନୀରେ କୋରାପୁଟ ଏ-୧ କଫିକୁ ସମଗ୍ର ଭାରତରେ ପ୍ରଥମ ସ୍ଥାନ ମିଳିଛି। ବିଶ୍ୱ କଫି ସମ୍ମିଳନୀ ପ୍ରତି ୫ ବର୍ଷରେ ଥରେ ବିଭିନ୍ନ ଦେଶରେ ଆୟୋଜିତ ହୋଇଥାଏ। ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଏସିଆ ମହାଦେଶ ଭାରତର ବେଙ୍ଗାଲୁରୁ ସହରରେ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱର ବିଭିନ୍ନ କଫି ଉତ୍ପାଦନକାରୀ ସଂସ୍ଥା ସେମାନଙ୍କ କଫି ପ୍ରଦର୍ଶିତ କରିଥିଲେ। ଏଥିରେ କୋରାପୁଟ କଫକୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ଏହାର ତିନୋଟି ନମୂନା ଯଥା, ଆରବିକ ୱାସେଡ୍,ଆରବିକ ନେଚୁରାଲ୍ ଏବଂ ସେମି ୱାସେଡ୍ ଫ୍ଲେବର ଅଫ୍ ଇଣ୍ଡିଆ। କୋରାପୁଟ ଭଳି ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳ କଫି ଲାଗି ସମଗ୍ର ବିଶ୍ୱରେ ଲୋକଲୋଚନକୁ ଆଣିବା ସହିତ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିଛି। ଏହାକୁ ନେଇ କୋରାପୁଟ ଏ-୧ କଫିର ସମ୍ବିତ ପଣ୍ଡାଙ୍କୁ ପ୍ରଶଂସାର ସୁଅ ଛୁଟିଛି। ୧୯୯୭ ରୁ ସ୍ୱର୍ଗତ ହରିଶ୍ଚନ୍ଦ୍ର ପଣ୍ଡା ସପ୍ତଗିରି ପ୍ଲାଣ୍ଟେଶନ୍ ପୋଡାଗଡ କୋରାପୁଟରେ ଆରମ୍ଭ କରିଥିଲେ। ଯାହାକୁ ପର୍ଯ୍ୟାୟକ୍ରମେ ତାଙ୍କ ପୁତ୍ର ଓ ପୁତ୍ରବଧୂ ସନ୍ଧ୍ୟାରାଣୀ ପଣ୍ଡା ପରିଚାଳନା କରୁଛନ୍ତି। ୨୦୨୦ରେ ସ୍ପେଶାଲିଟି କଫି ଉତ୍ପାଦନ ଉପରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟାୟ କ୍ରମେ ଏହା ନିଜର ଉତ୍ପାଦନକୁ ଉଚ୍ଚରେ ପହଞ୍ଚାଇ ପାରିଛି। ସମ୍ବିତ ଚାକିରି ଛାଡି ନିଜର ପାରିବାରିକ ବ୍ୟବସାୟ ସମ୍ଭାଳିବା ସହିତ ଏହାକୁ ଏକ ନୂତନ ମାର୍ଗଦର୍ଶନ ଦେବା ସହିତ କୋରାପୁଟ କଫିକୁ ଆଗକୁ ମଧ୍ୟ ବିଶ୍ୱ ମାନଚିତ୍ରରେ ପରିଚୟ ଦେବା ଉପରେ କାମ କରିବେ ବୋଲି ସେ କହିଛନ୍ତି।

## ୧୫ରୁ ୨ ଦିନିଆ ଏଆଇଟିୟୁସି ରାଜ୍ୟ ପରିଷଦ ବୈଠକ

ଜୟପୁର, ୩।୧୦(ପବନ ପାଣି ଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଶ୍ରମିକ କର୍ମଚାରୀ ଭବନରେ ଏଆଇଟିୟୁସି ଜିଲା କମିଟି ବୈଠକ ଶ୍ରମିକ ନେତା ଯୁଧିଷ୍ଠିର ରାଉଳଙ୍କ ଅଧକ୍ଷତାରେ ମଙ୍ଗଳାବର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୫, ୧୬ରେ ଏଆଇଟିୟୁସିର ରାଜ୍ୟସ୍ତରୀୟ ସାଧାରଣ ପରିଷଦ ବୈଠକ ଜୟପୁରରେ ଅନୁଷ୍ଠିତ ହେବ। ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସଂଗଠିତ କରିବା ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇଛି। ଏହି କମିଟି ଅଧ୍ୟକ୍ଷଭାବେ ଯୁଧିଷ୍ଠିର ରାଉଳଙ୍କୁ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷଭାବେ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ କୁମାର ମହାନ୍ତି ଏବଂ ସଂଗଠନ ସମ୍ପାଦକ ଭାବେ ଉତ୍ତମ ମଲ୍ଲିକ ଦାୟିତ୍ୱରେ ଅଛନ୍ତି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲାର ଏଆଇଟିୟୁସି କର୍ମକର୍ତ୍ତାମାନେ ମଧ୍ୟ ଅଭ୍ୟର୍ଥନା କମିଟି ସଦସ୍ୟ ରହିଛନ୍ତି। ୧୫ ତାରିଖ ସକାଳ ୧୦ଟାରେ ଏଆଇଟିୟୁସିର ଏକ ପଟୁଆର ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ଲକ୍ଷ୍ମୀ ଇନ୍ଦିରା ଛକରୁ ବାହାରିବ ଏବଂ ବାବା ସାହେବ କଲ୍ୟାଣ ମଣ୍ଡପ ସମ୍ମୁଖ ସ୍ଥଳରେ ସାଧାରଣ ସଭା ଅନୁଷ୍ଠିତ ହେବ। ସାଧାରଣ ସଭାକୁ ଜାତୀୟ ଏଆଇଟିୟୁସି ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ଏଆଇଟିୟୁସି ସଭାପତି ଅଶୋକ ଦାଶ, ଏଆଇଟିୟୁସି ରାଜ୍ୟ ଉପସଭାପତି ତଥା ସିପିଆଇ ରାଜ୍ୟ ସମ୍ପାଦକ ଅଭୟ ସାହୁ, ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ସିପିଆଇ ଜାତୀୟ ପରିଷଦ ସଭ୍ୟ ଆଶିଷ କାନୁନ୍‌ଗୋ ପ୍ରମୁଖ ଉଦ୍‌ବୋଧନ ଦେବେ। ରାଜ୍ୟ ପରିଷଦର ବୈଠକ ବାବା ସାହେବ କଲ୍ୟାଣ ମଣ୍ଡପରେ ୧୫ ତାରିଖ ଅପରାହ୍ନରେ ଆରମ୍ଭ ହେବ ଏବଂ ୧୬ ଅକ୍ଟୋବର ସନ୍ଧ୍ୟାରେ ସରିବ। ବିଭିନ୍ନ ସଂଗଠିତ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବେ। କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅଧକ୍ଷ ଯୁଧିଷ୍ଠିର ରାଉଳ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ବୈଠକରେ ପ୍ରମୋଦ ମହାନ୍ତି, ଉତ୍ତମ ମଲ୍ଲିକ, ବନମାଳୀ ପାତ୍ର, ସନ୍ନ୍ୟାସୀ ମାଳୀ, ନନ୍ଦ ହରିଜନ, ବଳିଭଦ୍ର ମୋତି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୪ଖଣ୍ଡ ଗ୍ରାମବାସୀ

### ଲକ୍ଷ୍ମୀପୁର ଟିକିରି ରାସ୍ତା କାମକୁ ବିରୋଧ

କୋରାପୁଟ,୩।୧୦(ଅମିତାଭ ବେହେରା)


ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।

ବେଦାନ୍ତ ପ୍ରକଳ୍ପ କୋଡ଼ିଙ୍ଗା ମାଳି ଖଣିଠାରୁ ବକ୍ସାଇଟ ସିଙ୍ଗାରାମ ରେଳ ଷ୍ଟେଶନ ପର୍ଯ୍ୟନ୍ତ ପରିବହନ ନିମନ୍ତେ ଲକ୍ଷ୍ମୀପୁର-ଟିକିରି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ଏହି ରାସ୍ତା କାମ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ୨ଟି ବ୍ଲକର ୪ ଖଣ୍ଡ ଗ୍ରାମବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଯଦି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ । ଆନ୍ଦୋଳନ ସମୟରେ କୌଣସି ଅପ୍ରିତିକର ଘଟଣା ଘଟିଲେ ସେଥିପାଇଁ ଜିଲ୍ଲା ପ୍ରଶାସନ ଦାୟୀ ରହିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଲକ୍ଷ୍ମୀପୁର ଏବଂ କାଶୀପୁର ବ୍ଲକର ବେଦାନ୍ତ ପ୍ରକଳ୍ପର କୋଡ଼ିଙ୍ଗା ମାଳି ଖଣିଠାରୁ ସିଙ୍ଗାପୁର ଷ୍ଟେଶନ ପର୍ଯ୍ୟନ୍ତ କଞ୍ଚାମାଲ ପରିବହନ ନିମନ୍ତେ ଲକ୍ଷ୍ମୀପୁର ଟିକିରି ରାସ୍ତା ପ୍ରଶସ୍ତ କାର୍ଯ୍ୟ ଆରମ୍ଭ ହୋଇଛି। ଅଞ୍ଚଳବାସୀଙ୍କ ବିନା ସହମତିରେ କିମ୍ବା ଗ୍ରାମସଭା ଓ ପଲ୍ଲୀସଭା ନ କରି ଜୋରଜବରଦସ୍ତ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି । ଏହି ରାସ୍ତା ଉପରେ ଲକ୍ଷ୍ମୀପୁର ବ୍ଲକର ଓଡ଼ିଆପେଣ୍ଠ, ଲକ୍ଷ୍ମୀପୁର ପଞ୍ଚାୟତ ଏବଂ କାଶୀପୁର ବ୍ଲକ ପୋଡାପାଡ଼ି ଓ ବାଙ୍କାମ୍ବ ପଞ୍ଚାୟତର ବାସିନ୍ଦା ମୁଖ୍ୟତଃ ଯାତାୟାତ ପାଇଁ ନିର୍ଭର କରୁଛନ୍ତି। ଅନେକ ଛାତ୍ରୀଛାତ୍ର ଏହି ରାସ୍ତା ଦେଇ କଲେଜ ଏବଂ ସ୍କୁଲ ଯିବା ଆସିବା କରୁଛନ୍ତି। ଉକ୍ତ ରାସ୍ତାକୁ ଅଞ୍ଚଳର ଲୋକମାନେ ପାଦ ଚଲା ରାସ୍ତା ଭାବରେ ମୁଖ୍ୟତଃ ବ୍ୟବହାର କରିଥାନ୍ତି । ଉକ୍ତ ପାଦଚଲା ରାସ୍ତା ଦେଇ ପ୍ରତିଦିନ ପ୍ରାୟ ୫୦୦ ଭାରୀଯାନ ଯିବା ଆସିବା କରିବା ଫଳରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ଗତ ୨ ତାରିଖରେ ଅଞ୍ଚଳର ସମସ୍ତ ଭଦ୍ର ବ୍ୟକ୍ତିଙ୍କୁ ନେଇ ଏକ ସାଧାରଣ ବୈଠକ କରାଯାଇ ବେଦାନ୍ତ ପ୍ରକଳ୍ପର ଏଭଳି ମନମୁଖୀ କାର୍ଯ୍ୟକୁ ବିରୋଧ କରି ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଲିଖିତ ଭାବେ ଠିକାଦାରଙ୍କୁ ଅଭିଯୋଗ କରିଥିଲେ । କିନ୍ତୁ ଠିକାଦାର ଏହାକୁ ଖାତିରି ନ କରି ବଳପୂର୍ବକ କାର୍ଯ୍ୟ ନିର୍ମାଣ ଚାଲୁ ରହିଛି । ଏହି ରାସ୍ତା ନିର୍ମାଣ ପଛରେ ପୂର୍ବତନ ବିଧାୟକଙ୍କ ହାତ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଯଦି ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରା ନ ଗଲେ ଆନ୍ଦୋଳନ ଜୋରଦାର ହବ ବୋଲି ଗ୍ରାମବାସୀ କହିଛନ୍ତି। ଦାବିପତ୍ର ଦେବା ସମୟରେ ଗ୍ରାମର ଅଗସ୍ତି ହାଲୁଆ, ପୂର୍ଣ୍ଣ ଚନ୍ଦ୍ର ମାଣ୍ଡିଙ୍ଗ, ପ୍ରେମା ଚାନ୍ଦ ବିଡ଼ିକା, ସନ୍ତୋଷ ଖରା, ଜଗନ୍ନାଥ ହଲବା ଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

କୋରାପୁଟ/ବୋରିଗୁମ୍ମା,୩।୧୦ (ଅମିତାଭ ବେହେରା/ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ମଙ୍ଗଳବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ସମୁଦାୟ ୧୧ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଜନଶୁଣାଣୀ କାର୍ଯ୍ୟକ୍ରମ ପରେ ୧୫ଜଣ ଭତ୍ତାଧିକାରୀଙ୍କ ମଧ୍ୟରୁ ୬ଜଣ ବରିଷ୍ଠ ନାଗରିକ, ୪ ଦିବ୍ୟାଙ୍ଗ ଏବଂ ୫ ବିଧବାଙ୍କୁ ମଧୁବାବୁ ଭତ୍ତା ପ୍ରଦାନ କରାଯାଇଛି। ଏତଦ୍ ବ୍ୟତୀତ ୮ ଜଣ ଦିବ୍ୟାଙ୍ଗଙ୍କ ମଧ୍ୟରୁ ୬ ଜଣଙ୍କୁ ହୁଇଲ୍ ଚେୟାର ଏବଂ ୨ ଜଣଙ୍କୁ ଟ୍ରାଇସାଇକେଲ ଦିଆଯାଇଛି। ଜନଶୁଣାଣି ବେଳେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜୟପୁର ଉପଜିଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ, ଆର୍.ଏନ୍ ମିଶ୍ର, ଏବଂ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

## କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ


ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି।

ଦଶମନ୍ତପୁର, ୩।୧୦ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଚଣାବାଡ଼ ପଞ୍ଚାୟତ ଅଧୀନ ଲତାପୁଟ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ କରାଯାଇଛି। ଚଣାବାଡ଼ କ୍ଲଷ୍ଟର ସିଆର୍‌ସିସି ଦୁର୍ଯ୍ୟୋଧନ ସାଗରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଲଟାପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନାରାୟଣ ସାହୁ, ଗୁପ୍ତ ବଳ, ଗୋପବନ୍ଧୁ ଅଗସ୍ତି, କେଶବ ସାଉଁନ୍ତା, ଅନିମା ଖାଲ୍‌କୋ, ରାମ ଜାନିଙ୍କ ସମେତ ସଂପୃକ୍ତ କ୍ଲଷ୍ଟର ଅଧୀନରେ ଥିବା ୧୪ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ୧୭ଟି ପ୍ରତିଯୋଗିତା କରାଯାଇଛି। କାର୍ଯ୍ୟକ୍ରମକୁ ଶିକ୍ଷକ ସମ୍ବିତ ରାଉତ ପରିଚାଳନା କରିଥିଲେ। ସେହିପରି ଦଶମନ୍ତପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାସ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ସୁରଭି କାର୍ଯ୍ୟକ୍ରମ କରାଯାଇଛି।

## ନିଆଁଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ବାଲିଗୁଡ଼ା,୩।୧୦(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ସହର ମଧ୍ୟ ଭାଗରେ ଥିବା ପାଟଖଣ୍ଡା ସାହିର ପାଟଖଣ୍ଡା ଏଜେନ୍ସି ଗୋଦାମରେ ମଙ୍ଗଳବାର ଶର୍ଟସର୍କିଟରୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ସକାଳୁ ଗୋଦାମ ଘର ଭିତରୁ ଧୂଆଁ ବାହାରୁଥିବା ଦେଖି ପଡ଼ୋଶୀ ଗୋଦାମ ମାଲିକ ଅନନ୍ତ କୁମାର ଦାସଙ୍କୁ ଜଣାଇଥିଲେ। ସେ ଆସି ଦେଖିବା ବେଳକୁ ନିଆଁ ଅଣାୟତ୍ତ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଫୋନ କରିବା ପରେ ଦମକଳ ବାହିନୀ ପହଞ୍ଚି ଦୀର୍ଘ ତିନି ଘଣ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିବା ଫାୟାର ଅଫିସର ସୂର୍ଯ୍ୟ ନାରାୟଣ ଭୋଇ ପ୍ରକାଶ କରିଥିଲେ। ଉକ୍ତ ଗୋଦାମରେ ବିସ୍କେଟ୍, ଚକୋଲେଟ ଓ ବିଭିନ୍ନ ଗ୍ରୋସରୀ ସାମଗ୍ରୀ ଜଳି ପୋଡ଼ି ନଷ୍ଟ ହୋଇଯାଇଥିବା ଜଣାପଡିଛି।

# ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା


କୋରାପୁଟରେ ଆୟୋଜିତ ବୈଠକରେ ବିଧାୟକ ଉଦ୍‌ବୋଧନ ଦେଉଥିବାବେଳେ ଅନ୍ୟ ବିଜେଡି ନେତା ଉପସ୍ଥିତ ଅଛନ୍ତି।

କୋରାପୁଟ/ ଜୟପୁର,୩।୧୦ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ)

କୋରାପୁଟ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। କୋରାପୁଟ ଗାନ୍ଧୀ ପାର୍କଠାରେ ଜିଲା ବିଜେଡି ସଭାପତି ଝିନ୍ନ ହିକକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ ଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡ଼ାଲ, ପର୍ଯ୍ୟବେକ୍ଷକ ରମାକାନ୍ତ ରାଉଳ, ଜିଲା ମହିଳା ପର୍ଯ୍ୟବେକ୍ଷିକା ମୀରା ପରିଡା, ବିଜେଡି ଜିଲା ମହିଳା ସଭାନେତ୍ରୀ ପାର୍ବତୀ ମନ୍ତ୍ରି, ଜିଲା ବିଜେଡି ଉପ ସଭାପତି ଉତ୍କଳ ରଞ୍ଜନ ନାୟକ, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ ଓ ଉପାଧ୍ୟକ୍ଷ ସବିତା ପଣ୍ଡା, କୋରାପୁଟ ପୌର ପରିଷଦର କାଉନସିଲରଙ୍କ ସହ ଶତାଧିକ ବିଜେଡି ନେତା ଓ କର୍ମୀ ଗାନ୍ଧୀ ପାର୍କଠାରୁ ପଦଯାତ୍ରାରେ ସହର ପରିକ୍ରମା କରିଥିଲେ। ବିଜୁ ପଟ୍ଟନାୟକ ପାର୍କଠାରେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରିବା ପରେ କୋରାପୁଟ ଟାଉନ ହଲଠାରେ ପଦଯାତ୍ରା ସମ୍ପର୍କିତ ବୈଠକ ଆୟୋଜନ କରାଯାଇଥିଲା। ବିଜେଡି ନେତା ଓ କର୍ମୀମାନେ ପ୍ରତି ପରିବାର ପାଖକୁ ଯାଇ ସେମାନଙ୍କର ଅସୁବିଧା ସମ୍ପର୍କରେ ମତାମତ ନେଇ ତାକୁ ତୁରନ୍ତ ସମାଧାନ କରିବା ଲକ୍ଷ୍ୟରେ ଏହି ପଦଯାତ୍ରା ଆରମ୍ଭ କରାଯାଇଥିବା ମୀରା ପରିଡା କହିଛନ୍ତି। ଲୋକଙ୍କ ପାଖକୁ ଯାଅ,ସେମାନଙ୍କ ଅସୁବିଧା ବୁଝ ଏବଂ ତତକ୍ଷଣାତ ସମାଧାନ କରିବା ହେଉଛି ଜନ ସମ୍ପର୍କ ପଦଯାତ୍ରାର ଆଭିମୁଖ୍ୟ ବୋଲି କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ କହିଛନ୍ତି। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଗାଁକୁ କାମ ଓ ମାଙ୍କୁ ସମ୍ମାନ ମୁଖ୍ୟମନ୍ତ୍ରୀ ସଫଳ କରାଇଛନ୍ତି ବୋଲି କୋରାପୁଟ ବିଧାୟକ ରଘୁରାମ ପଡ଼ାଲ କହିଛନ୍ତି। ପୂର୍ବତନ ଜିଲା ପରିଷଦ ସଭାପତି ତୁଳସୀ କିରସାନି, ସଞ୍ଜୟ ମହାନ୍ତି, ପ୍ରମୁଖ ବିଜେଡି ନେତାମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

ଜୟପୁରରେ ମଧ୍ୟ ବିଜେଡି ପକ୍ଷରୁ ସୋମବାର ଗାନ୍ଧୀ ଜୟନ୍ତୀଠାରୁ ନିର୍ବାଚନମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଆରମ୍ଭ ହୋଇଛି । ସୋମବାର ଜୟପୁର ବ୍ଲକର ଉମୁରି ପଞ୍ଚାୟତ ଠାରୁ ଏହି ପଦଯାତ୍ରା ଆରମ୍ଭ ହେଇ ୫ମି.ମି. ଦୂର ରାଣ୍ଡାପାଲି ପଞ୍ଚାୟତର ସାନକାଉଡି ଗ୍ରାମଠାରେ ଶେଷ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ଉପାଧ୍ୟକ୍ଷ ଗଣେଶ ପାଢ଼ୀ, ପୌର ଉପାଧ୍ୟକ୍ଷା ବି.ସୁନିତା ବରିଷ୍ଠ ନେତା ଅନୁପ ପାତ୍ର, ଦୁର୍ଗା ମିଶ୍ର, ଧନ ଖରା, ଲିଙ୍ଗା ପାତ୍ର ଶିବ ପଟ୍ଟାନାୟକ, ସୁଧୀର ତ୍ରିପାଠୀ, ମହେନ୍ଦ୍ର ଅଧିକାରୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଈଶ୍ୱର ବାଘ, ସହଦେବ ପଟ୍ଟନାୟକ, ନିର୍ବାଚନ ମଣ୍ଡଳୀର ସମସ୍ତ ଜିଲା ପରିଷଦ ସଦସ୍ୟା, ସମିତିସଭ୍ୟାସଭ୍ୟ, ସରପଞ୍ଚ, ସମସ୍ତ ବ୍ଲକ ସଭାପତିମାନେ ସାମିଲ ହୋଇଥିଲେ।


କୋରାପୁଟ ଜିଲା ଜୟପୁର ସହର ନିକଟ ହାତୀଶାଳ କୋଲନୀ ସାହି ପାଖ ଶ୍ମଶାନକୁ ଯିବାକୁ ରାସ୍ତା ନାହିଁ। ମଙ୍ଗଳବାର ସାହିବାସିନ୍ଦା ରବି ଖରାଙ୍କ ମୃତଦେହକୁ କେନାଲ ଭିତରେ ଆଣ୍ଠୁଏ ପାଣିରେ ପଶି ଶ୍ମଶାନ ନେଇ ଯାଉଛନ୍ତି। ଫଟୋ: (ପବନ ପାଣିଗ୍ରାହୀ)

## ଚିକିତ୍ସା ନେଇ ଆର୍ଥିକ ସହାୟତା ଦେଲେ ଯୁବଗୋଷ୍ଠୀ

ଉମରକୋଟ, ୩।୧୦(ସନ୍ତୋଷ ଶତପଥୀ)

**ଧରିତ୍ରୀ ପ୍ରଭାବ**

୬ ବର୍ଷର କୁନି ଝିଅ ନବୀନା ମୁଦୁଲି ଗଣେଶ ପୂଜା ଦିନ ଘରେ ଖେଳୁଥିବା ସମୟରେ ରୋଷେଇ ଘର ଚୁଲି ନିଆଁ ଲାଗି ଯାଇ ୪୦ ପ୍ରତିଶତ ପୋଡ଼ି ଯାଇଥିଲେ। ଉନ୍ନତ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଏନେଇ ଗତ ୩୦ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହା ଦେଖି ଉମରକୋଟ ସହରର ଯୁବଗୋଷ୍ଠୀ ଚାନ୍ଦା ଆଦାୟ କରି କୁନି ଝିଅଟିକୁ ସହାୟତାର ହାତ ବଢ଼ାଇଛନ୍ତି। ଯୁବକମାନେ ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପରିବାର ସଦସ୍ୟଙ୍କୁ ୨୦ହଜାର ୬୪୦ ଟଙ୍କା ସହାୟତା ଦେଇଛନ୍ତି। ସୂଚନାନୁଯାୟୀ ନବୀନାଙ୍କ ବାପା ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନାହିଁ। ଛୁଆଟିକୁ କୋରାପୁଟ ମେଡିକାଲ ନେବାକୁ ତାଙ୍କ ପାଖରେ ଅର୍ଥ ନ ଥିଲା। ତେଣୁ ନବରଙ୍ଗପୁରରୁ ଗୁରୁତର ଅବସ୍ଥାରେ ଛୁଆଟିକୁ ଝରିଗାଁସ୍ଥିତ ନିଜ ଘରକୁ ନେଇ ଚାଲି ଯାଇଥିଲେ। ପିଲାଟି ଅଧିକ ଯନ୍ତ୍ରଣାରେ କାନ୍ଦ ବୋବାଳି କରିବାରୁ ପୁଣି ଝରିଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ପରେ ସେଠାରୁ ଉମରକୋଟ ଡାକ୍ତରଖାନାକୁ ଆଣିଥିଲେ। ବାରଣ୍ଡାରେ ବସି କାନ୍ଦୁଥିବା ଦେଖି କେତେଜଣ ସହୃଦୟ ବ୍ୟକ୍ତି ପିଲାଟିକୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବାରେ ସହାୟତା କରିଥିଲେ। ନବୀନାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଶିଶୁ ବିଶେଷଜ୍ଞ ଡାକ୍ତର ସନ୍ତୋଷ ପଣ୍ଡାଙ୍କୁ ପଚାରିବାରୁ ପିଲାଟିର ଚିକିତ୍ସା ଚାଲିଛି। ମା' ବାପା ବିଶେଷ କିଛି ବୁଝିପାରୁନାହାନ୍ତି। କୌଣସି ସାମାଜିକ କର୍ମୀ ପିଲାଟିର କଥା ବୁଝିବାକୁ ଆଗେଇ ଆସିଲେ ବାହାରକୁ ସ୍ଥାନାନ୍ତର କରିବା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।



# ସାଇବର ଠକେଇ ରୋକିବା ସୂତ୍ର ବାଣ୍ଟିଲା ଜିଲା ପୋଲିସ୍

ସୁନାବେଡା/ସେମିଳିଗୁଡା,୩।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ସଚେତନତା ରଥକୁ ସ୍ୱାଗତ କରାଯାଉଛି ।

ସାଇବର ଅପରାଧ ରୋକିବା ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ କୋରାପୁଟ ଜିଲା ପୋଲିସ ବିଭାଗ ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି। ସାଇବର ସୁରକ୍ଷା ସଚେତନତା ରଥ ମଙ୍ଗଳବାର ସୁନାବେଡାସ୍ଥିତ ସରକାରୀ (ଏସ୍‌ଏସ୍‌ଡି) ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ପହଞ୍ଚିବା ପରେ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଓ ପୋଲିସ ସଚେତନତା ରଥକୁ ସ୍ୱାଗତ କରିଥିଲେ। ପରେ ସ୍କୁଲ ପରିସର ସଭାଗୃହରେ ସୁନାବେଡା ଥାନା ଅଧିକାରୀ ରମଣୀ ରଞ୍ଜନ ଦଳେଇଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ସଭାରେ ଉପସ୍ଥିତ ଅଧିକାରୀମାନେ ସାଇବର୍ ଠକେଇ ସମ୍ପର୍କରେ ଆଲୋଚନା କରିବା ସହ କିପରି ସେଥିରୁ ବର୍ତ୍ତିପାରିବା ସେ ଦିଗରେ ବୁଝାଇଥିଲେ। କୌଣସି ଲୋଭନୀୟ ଅଜଣା ମେସେଜ୍ କିମ୍ବା ଫୋନ୍ କଲ୍‌କୁ ବିଶ୍ୱାସ ନ କରି ସେଥିରୁ ଦୂରେଇ ରହିବା ଉଚିତ ବୋଲି ଅନ୍ୟ ଅଧିକାରୀମାନେ ମତ ରଖିଥିଲେ। ସାଇବର ଠକାମିର ଶିକାରରୁ କିପରି ବର୍ତ୍ତିପାରିବେ ସେ ନେଇ ବହୁସୂତ୍ର ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୁନାବେଡ଼ା ପୌର ଅଧକ୍ଷ ଡ. ରାଜେନ୍ଦ୍ର ପାତ୍ର, ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା, ଇନ୍‌ସ୍ପେକ୍ଟର ସତ୍ୟଭାମା ବେହେରା, ସେମିଳିଗୁଡା ତହସିଲଦାର ଜ୍ୟୋତିରାଣୀ ରଥ, ବ୍ଲକ ଶିକ୍ଷାଧିକାରୀ ଚମେଲି ମଜୁମଦାର, ପ୍ରଧାନ ଶିକ୍ଷୟିତ୍ରୀ ମମତା ପାତ୍ର, ଖବରଦାତା ମନୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋରାପୁଟ ଡିଭିଏଫ୍ ଅକ୍ଷୟ କୁମାର ଗୌଡ଼, ସୁଶାନ୍ତ ଖରା, ଓଏପିଏଫ ଗୋବିନ୍ଦ ମୁଦୁଲି, ଏସ ଆଇ ଦୀପକ ବାରିକ, ଏସଆଇ ସଂଜୀବ ବେହେରା, ଏଏସଆଇ ବାଳକୃଷ୍ଣ ରଥ, କିଶୋର ଚନ୍ଦ୍ର ବେହେରା ସହଯୋଗ କରିଥିଲେ। ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିବା ଏହି ସାଇବର ସଚେତନ ରଥ ଆଗାମୀ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏସ୍‌ଡିପିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତ। ସେହିପରି ସେମିଳିଗୁଡା ଥାନା ଅଧିନସ୍ଥ ଜାନିଗୁଡାସ୍ଥିତ ସିଟମ କଲେଜଠାରେ ମଧ୍ୟ ସଚେତନତା ରଥକୁ ଭବ୍ୟ ସ୍ୱାଗତ କରିଥିଲେ। ଏଥିରେ ସେମିଳିଗୁଡା ଥାନା ଅଧିକାରୀ ସଚୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### ବିଶ୍ୱ ହିନ୍ଦୁ ପରିଷଦର ଶୌର୍ଯ୍ୟ ଜାଗରଣ ରଥଯାତ୍ରା



ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)

ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ଶୌର୍ଯ୍ୟ ଜାଗରଣ ରଥ ଗତ ୨୮ରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ଆଉଜିଗୁମାରୁ ବାହାରି ସୋମବାର ନବରଙ୍ଗପୁରରେ ପହଞ୍ଚି ଥିଲା। ସକାଳ ୧୦ରେ ସ୍ଥାନୀୟ ରାଜା ଚାମୁରିଆ ମନ୍ଦିର ନିକଟରେ ବହୁ ଭକ୍ତ, ଧାର୍ମିକ ବ୍ୟକ୍ତି ରଥକୁ ସ୍ୱାଗତକରି ଭଗବାନ ଶ୍ରୀରାମଙ୍କ ପୂଜାର୍ଚ୍ଚନା କରିଥିଲେ। ଏକ ପଦଯାତ୍ରା ବାହାରି ଗାନ୍ଧୀ ଛକରେ ପହଞ୍ଚିବାପରେ ସେଠାରେ ସାଧାରଣ ସଭା କରାଯାଇଛି। ଜିଲାଧ୍ୟକ୍ଷ କୃପାରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାନ୍ତ ଧର୍ମ ପ୍ରସାର ଅଧ୍ୟକ୍ଷ ସର୍ବେଶ୍ୱର ତ୍ରିପାଠୀ ରଥଯାତ୍ରାର ଉଦ୍ଦେଶ୍ୟ, ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପସଭାପତି ଆନନ୍ଦ ରାଓ ଉପସ୍ଥାପନା କରିଥିଲେ। ଆନନ୍ଦ ଗୌଡ, ଅର୍ଜୁନ ହରିଜନ, ଆନନ୍ଦ ପଟ୍ଟନାୟକ, ପ୍ରଶାନ୍ତ ପାତ୍ରଙ୍କୁ କୋଷାଗୁମୁଡା ଶହୀଦ ସମ୍ମାନ ଦିଆଯାଇଛି। ନବରଙ୍ଗପୁର ସହର ପରେ ରଥ ପାପଡ଼ାହାଣ୍ଡି ଶହୀଦସ୍ତମ୍ଭ, ଜଟାବାହାଲ, ପାତ୍ରୀ, ମାନିଗାଁ, ଡାବୁଗାଁ, ସରାଗୁଡ, ଧୋଡ୍ରା ଓ ଉମରକୋଟ ଯାଇଥିଲା। ସେଠାରେ ରଥକୁ ସ୍ୱାଗତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

### ତେନ୍ତୁଳିଖୁଣ୍ଟି ବ୍ରାହ୍ମଣ ସମାଜ ବୈଠକ

ତେନ୍ତୁଳିଖୁଣ୍ଟି, ୩।୧୦(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ ବ୍ରାହ୍ମଣ ସମାଜ ସଭାପତି ସନ୍ତୋଷ ଚୌଧୁରୀଙ୍କ ଆବାହାନରେ ତେନ୍ତୁଳିଖୁଣ୍ଟି ବ୍ଲକ ବ୍ରାହ୍ମଣ ସମାଜର ଏକ ବୈଠକ ଶ୍ରୀ ଶ୍ରୀ ଦତ୍ତାତ୍ରେୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଜିଲା ବ୍ରାହ୍ମଣ ସମାଜ ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥି, ଶିବପ୍ରସାଦ ମିଶ୍ର ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଗୁପ୍ତଶଙ୍କର ଷଡ଼ଙ୍ଗୀ ଯୋଗଦେଇଥିଲେ। ସଙ୍ଗଠନ ସମ୍ପାଦକ ଗୋବର୍ଦ୍ଧନ ସାହୁ ବୈଠକ ବିବରଣୀ ପାଠ କରିଥିଲେ। ବ୍ରାହ୍ମଣ ସମାଜ ସଙ୍ଗଠନକୁ କ୍ରିୟାଶୀଳ କରିବାକୁ ଉପସ୍ଥିତ ସଭ୍ୟମାନେ ମତ ଦେଇଥିଲେ। ନିୟମିତ ବୈଠକ ସହ ଦଳଗତ କାର୍ଯ୍ୟର ଆବଶ୍ୟକତା ରହିଥିବା ସେ କହିଥିଲେ। ଜଣେ ଜଣେ ସଦସ୍ୟ ପାଞ୍ଚ ଜଣକୁ ବୁଝାଇ ସଙ୍ଗଠନକୁ ଆଣିପାରିଲେ ସଙ୍ଗଠନ ସୁଦୃଢ଼ ହୋଇପାରିବ ବୋଲି ଆଲୋଚନା କରାଯାଇଛି। ବେଶଭୂଷା, ଆଚରଣ ଉଚ୍ଚାରଣ ଦ୍ୱିତୀୟ ମାନଦଣ୍ଡ ବୋଲି ଜିଲା ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ କହିଥିଲେ। ଶିବପ୍ରସାଦ ମିଶ୍ର ଶାନ୍ତିପାଠ କରିଥିଲେ। ବୈଠକରେ ଉପସଭାପତି ଶ୍ରୀନିବାସ ମିଶ୍ର, କୋଷାଧ୍ୟକ୍ଷ ମନୋଜ ମହାପାତ୍ରଙ୍କ ସମେତ ୮୦ରୁ ଉର୍ଦ୍ଧ୍ୱ ଉପସ୍ଥିତ ଥିଲେ। ସନ୍ତୋଷ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ବଙ୍ଗୀୟ ଲୋକଙ୍କ 'କଳାବହି' ଉଚ୍ଛେଦ ଦାବି ପୂରଣ

ଉମରକୋଟ, ୩।୧୦(ସନ୍ତୋଷ ଶତପଥୀ)



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ବଙ୍ଗୀୟ ସମ୍ପ୍ରଦାୟ ଲୋକେ।

ଦୀର୍ଘ ବର୍ଷ ହେଲା ନବରଙ୍ଗପୁର ଜିଲାର ଉମରକୋଟ ଓ ରାଇଘର ଅଞ୍ଚଳରେ ବସବାସ କରୁଥିବା ବଙ୍ଗୀୟ ଲୋକଙ୍କ ଦାବିକୁ ସରକାର ଶୁଣିଛନ୍ତି। ଦୀର୍ଘ ୪୦ ବର୍ଷ ଧରି 'କଳା ବହି' ଉଚ୍ଛେଦ କରିବା ପାଇଁ ଯେଉଁ ଦାବି ରହିଥିଲା ତାହା ପୂରଣ ହୋଇଛି। ଏହି ଖୁସିରେ ମଙ୍ଗଳବାର ବଙ୍ଗୀୟ ସମାଜ ପକ୍ଷରୁ ଉମରକୋଟ ଡଙ୍ଗରୀଗୁଡ଼ାସ୍ଥିତ ବଙ୍ଗୀୟ ଭବନରେ ଏକ ଖବରଦାତା ସମ୍ମିଳନୀ କରି ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

୧୯୬୦ରେ ବାଂଲାଦେଶରେ ଗୃହଯୁଦ୍ଧ ଯୋଗୁ ପ୍ରାଣ ଭୟରେ ହିନ୍ଦୁ ବାଂଲାଦେଶୀ ଭାରତ ଭିତରକୁ ପ୍ରବେଶ କରିଥିଲେ। ସେମାନଙ୍କୁ ଓଡ଼ିଶାର ମାଲକାନଗିରି ଓ ନବରଙ୍ଗପୁର ଜିଲାର ଉମରକୋଟ, ରାଇଘର ଅଞ୍ଚଳରେ ତତ୍କାଳୀନ କେନ୍ଦ୍ର ସରକାର ଥଇଥାନ କରିଥିଲେ। ସେଥିପାଇଁ କେନ୍ଦ୍ର ସରକାର ଦଣ୍ଡକାରଣ୍ୟ ଉନ୍ନୟନ ସଂସ୍ଥା ଆରମ୍ଭ କରିଥିଲେ। ଯେଉଁ ବଙ୍ଗୀୟ ଲୋକେ ଏଠାକୁ ଆସିଥିଲେ କେନ୍ଦ୍ର ସରକାର ପ୍ରତି ପରିବାରକୁ ଗୋଟିଏ ଗୋଟିଏ ପରିବାର ପରିଚୟ ପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ କି ବାଂଲାଦେଶରୁ ଆସିଥିବା ଲୋକଙ୍କ ନାଁ ଆଦି ରହିଥିଲା। ଏହାକୁ ବଙ୍ଗୀୟ ଲୋକମାନେ କଳା ବହି ବୋଲି କହିଥାନ୍ତି। ୮୦ ଦଶକରେ କେନ୍ଦ୍ର ସରକାର ବଙ୍ଗୀୟ ଉନ୍ନୟନ ସଂସ୍ଥାକୁ ବନ୍ଦକରି ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଦେଲେ। ସେବେଠୁ ବଙ୍ଗୀୟ ଲୋକଙ୍କ ଦୁର୍ଦ୍ଦଶା ଆରମ୍ଭ ହେଲା। କାରଣ ଯେତେବେଳେ ବଙ୍ଗୀୟ ଲୋକେ ଜାତି ଓ ବାସସ୍ଥାନ ପ୍ରମାଣ ପତ୍ର ପାଇଁ ତହସିଲ ଅଫିସକୁ ଯାଉଥିଲେ ସରକାରୀ ଅଧିକାରୀମାନେ ଏହି ପରିବାର ପରିଚୟ ପତ୍ରରେ ଯେଉଁମାନଙ୍କର ନାମ ଥିଲା ସେମାନଙ୍କୁ ହିଁ ପ୍ରଦାନ କରୁଥିଲେ। କିନ୍ତୁ ଜନ୍ମ ବା ମୃତ୍ୟୁ, ବିବାହ କଲେ ସେମାନଙ୍କ ନାମ ଏହି ପରିଚୟପତ୍ରରେ ଲେଖିବା ପାଇଁ କେନ୍ଦ୍ର ସରକାରଙ୍କ କୌଣସି ଅଧିକାରୀ ଏଠାରେ ଆଉ ନ ଥିଲେ। ଏହି ସମସ୍ୟାକୁ ଦେଖି ଦୀର୍ଘ ୪୦ ବର୍ଷ ହେଲା ଏହି କଳା ବହି ଉଚ୍ଛେଦ କରିବା ପାଇଁ ଦାବି କରାଯାଇଥିଲା। ଗତ ମାର୍ଚ୍ଚ ୧୮ରେ ୫-ଟି ସଚିବଙ୍କ ଉମରକୋଟ ଗସ୍ତ ସମୟରେ ଉମରକୋଟ ଓ ରାଇଘର ବଙ୍ଗୀୟ ସମାଜ ସଦସ୍ୟମାନେ ତାଙ୍କୁ ଭେଟି ଏହି ବ୍ୟବସ୍ଥାକୁ ଉଚ୍ଛେଦ କରିବା ପାଇଁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ରାଜ୍ୟ ସରକାର ନବରଙ୍ଗପୁର ଓ ମାଲକାନଗିରି ଜିଲାପାଳଙ୍କୁ ଜାତି ଓ ବାସସ୍ଥାନ ପ୍ରମାଣପତ୍ର ପ୍ରଦାନ ସମୟରେ ବଙ୍ଗୀୟ ଲୋକଙ୍କୁ ପରିବାର ପରିଚୟ ପତ୍ର ନ ମାଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାଂଲାଦେଶରୁ ଆସିଥିବା ଲୋକେ ଭାରତର ପ୍ରାୟ ୧୮ ରାଜ୍ୟରେ ରହୁଛନ୍ତି। ସବୁ ରାଜ୍ୟରେ ବଙ୍ଗୀୟ ଲୋକ ପରିବାର ପରିଚୟ ପତ୍ରକୁ ଉଚ୍ଛେଦ ପାଇଁ ଦାବି କରି ଆସୁଛନ୍ତି। କିନ୍ତୁ ଓଡ଼ିଶା ପ୍ରଥମ ରାଜ୍ୟ ଯିଏକି ଏହାକୁ ଉଚ୍ଛେଦକଲା ବୋଲି ବଙ୍ଗୀୟ ସମାଜ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ତପନ ପାଲ, ତପନ ଦେବନାଥ, ମନ୍ମଥ ନାଥ ରାୟ, ଶିବନାଥ ବାନାର୍ଜୀ, ବିଶ୍ୱନାଥ ସିଲ୍, କୋମଳ ବଛାର, ଅସୀମ ବିଶ୍ୱାସ , ଆଶୁତୋଷ ସରକାର, ସଞ୍ଜିତ ମଣ୍ଡଳ, ସଞ୍ଜିତ ବିଶ୍ୱାସ, ଶରତ ଚନ୍ଦ୍ର ମିର୍ଦ୍ଧା, ରେବା ମଣ୍ଡଳ, ଶିଖା ସରକାର, ରୂପା ସରକାର, ବିଶ୍ୱଦେବ ବିଶ୍ୱାସ, ଅରୁଣ ମଜୁମଦାର, ଆଶୁତୋଷ ହାଲ୍‌ଦାର, ଅଜିତ ବଛାର ପ୍ରମୁଖ ଉପସ୍ଥିତ ଥିଲେ।

# ସଚେତନ ରହିଲେ ସାଇବର ଠକେଇରୁ ବର୍ଞ୍ଚିହେବ

ତେନ୍ତୁଳିଖୁଣ୍ଟି, ୩।୧୦(ଚିଦାନନ୍ଦ ସାହୁ)

### ସ୍କୁଲରେ ସାଇବର ସୁରକ୍ଷା ସଚେତନତା ବୈଠକ

ତେନ୍ତୁଳିଖୁଣ୍ଟି ବ୍ଲକରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା ରଥ ପହଞ୍ଚିଥିଲା। କୁର୍ମାକୋଟ ଦିବ୍ୟ ହୃଦୟ ବାଳିକା ବିଦ୍ୟାଳୟରେ ବ୍ଲକର ସମସ୍ତ ଅଙ୍ଗନୱାଡି କର୍ମୀ, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ତେନ୍ତୁଳିଖୁଣ୍ଟି ଥାନା କର୍ମଚାରୀ, ଖବରଦାତା ଏକାଠି ହୋଇ ନାଚଗୀତ ଓ ପୂଜାର୍ଚ୍ଚନା କରି ସଚେତନତା ରଥକୁ ସ୍ୱାଗତ କରିଥିଲେ। ବିଦ୍ୟାଳୟ ସଭାଗୃହରେ ସାଇବର ଠକେଇ ସଚେତନତା ନେଇ ବୈଠକ କରାଯାଇଛି। ଏଥିରେ ବଟକୃଷ୍ଣ ମିଶ୍ର, ଏସ୍‌ଡିପିଓ ଆଦିତ୍ୟ ସେନ, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ, ଚେୟାରମ୍ୟାନ ନୀଲେନ୍ଦ୍ରୀ ନାୟକ, ତେନ୍ତୁଳିଖୁଣ୍ଟି ସମିତିସଭ୍ୟ ମଧୁସ୍ମିତା ପାଣିଗ୍ରାହୀ, ଏସ୍‌ବିଆଇ ଅଞ୍ଚଳଗୁମ୍ମା ଶାଖା ମ୍ୟାନେଜର, ତେନ୍ତୁଳିଖୁଣ୍ଟି ଥାନାଧିକାରୀ ଅଭିମନ୍ୟୁ ଦୁର୍ଗା ମଞ୍ଚାସୀନ ଥିଲେ। ଏହାପରେ ନୋଡାଲ ବାପୁଜୀ ହାଇସ୍କୁଲରେ ସାଇବର ଠକେଇର ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଉମର୍ସିଙ୍ଗ ନାୟକଙ୍କ ପୌରୋହିତ୍ୟରେ କରାଯାଇଛି। ସାଇବର ଠକେଇର ଶିକାର ହୋଇଥିବା ଜଣେ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ସାଇବର ଠକେଇରୁ ବର୍ଞ୍ଚିବାର ପ୍ରଥମ ଓ ସର୍ବୋତ୍ତମ ଉପାୟ ସଚେତନ ରହିବା। ବ୍ୟବହାର କରୁଥିବା ମୋବାଇଲ, ଏଟିଏମ୍ ଆଦିରେ କଠିନ ପାସ୍ ୱାର୍ଡ ବ୍ୟବହାର କରିବା, ଅଫର ଯୁକ୍ତ ମେଲ୍ ବା ମେସେଞ୍ଜରର ଉତ୍ତର ନ ଦେବା, ସମୟ ବ୍ୟବଧାନରେ ପାସ୍‌ୱାର୍ଡ ପରିବର୍ତ୍ତନ କରିବା, ଲୋନ ପାଇଁ କୌଣସି ଲୋନ୍ ଆପ୍‌ର ବ୍ୟବହାର ନ କରିବା, ଅଜଣା ନମ୍ବରରୁ ଆସୁଥିବା କଲ ବା ଏସ୍‌ଏମ୍‌ଏସ୍‌ରେ ଆସୁଥିବା ଲିଙ୍କ୍ ବ୍ୟବହାର ନ କରିବାକୁ ସଚେତନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ସ୍କୁଲରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ସୁରଭି



କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଡାବୁଗାଁ, ୩।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ସରକାରୀ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ, କୁଇଜ, ବକ୍ତୃତା, ସଙ୍ଗୀତ, ସୃଜନ ଲିଖନ, ଶ୍ରୁତଲିଖନ ଓ ହସ୍ତାକ୍ଷର, ମଧ୍ୟାହ୍ନ ଭୋଜନ ଆର୍ଟ ଓ ନୃତ୍ୟ ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ନୃତ୍ୟରେ ବୋରିପଦର ଆଶ୍ରମ ବିଦ୍ୟାଳୟ (୧ମ), ସରକାରୀ ଏକ୍ସ-ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ (୨ୟ) ଓ ଜୟନ୍ତୀନଗର ପ୍ରାଥମିକ ବିଦ୍ୟାଳୟ (୩ୟ) ହୋଇଛି। ଡାବୁଗାଁ ଏବିଇଓ ସନ୍ତୋଷ କୁମାର ସାହୁ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜିତ ଘରାଇ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବନଲତା ମହାନ୍ତି, ଶିକ୍ଷକ ରତିକାନ୍ତ ନାୟକ, ଦିବାକର ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ଗିରିଶବାଳା ଜେନା, ପୁଷ୍ପାଞ୍ଜଳି ମଣି, ସସ୍ମିତା ପୁଇଁ, ଅନିତା ବେହେରା, ଚିନ୍ମୟ ପଟ୍ଟନାୟକ, ଶିକ୍ଷକ ଯୁଧିଷ୍ଠିର ମାଝି, ହିରେଣ୍ୟ ମାଝି, ଶିବରାମ ବେହେରା ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଏଥିରେ ୧୪ ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା ପରିଚାଳନା କରିଥିଲେ।

## ଭଡ଼ା ଘରୁ ମିଳିଲା ଗଞ୍ଜେଇ

ସୁନାବେଡ଼ା/ସେମିଳିଗୁଡ଼ା, ୩।୧୦
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ସେମିଳିଗୁଡା ଥାନା ଅଧୀନ ଖଣ୍ଡିଆ ସାହିର ଏକ ଭଡା ଘରୁ ସେମିଳିଗୁଡ଼ା ପୋଲିସ ଗଞ୍ଜେଇ ଜବତ କରିଛି। ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନଙ୍କ ନିର୍ଦ୍ଦେଶରେ ବାବାଜି ଚରଣ କୁଅଁର ସୋମବାର ଅପରାହ୍ନରେ ସମ୍ପୃକ୍ତ ଘରେ ଚଢ଼ାଉ କରିଥିଲେ। ଯାଞ୍ଚବେଳେ ଘରୁ ଗୋଟିଏ ବସ୍ତାରେ ଥିବା ୪୬ କେଜି୭୦ ଗ୍ରାମ୍ ଗଞ୍ଜେଇ ମିଳିଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ଅଢେଇ ଲକ୍ଷ ବୋଲି ପୋଲିସ କହିଛି। ପୋଲିସ ଉପର ସାହିର ସୁରେନ୍ଦ୍ର ଧଡକାଙ୍କ ପୁଅ ଅଜିତ (୨୫)ଙ୍କୁ ଧରି ଥାନାକୁ ଆଣି ପଚରାଉଚରା କରିଛି। ଏ ନେଇ ପୋଲିସ କେସ୍ ନଂ. ୩୬/୨୦୨୩ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ସୁନାବେଡା ଏସ୍‌ଡିପିଓ ମନୋଜ ବେହେରା ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଚାରାରୋପଣ ସହ ଓପନ କୁଇଜ୍ ପ୍ରତିଯୋଗିତା

ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ସୁନିତା ପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ୧ ଘଣ୍ଟା ଶ୍ରମଦାନ କରି ମହାବିଦ୍ୟାଳୟର ପରିବେଶକୁ ସଫା କରିଥିଲେ। ଏହାସହ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଜିଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନରେ ସାଇବର ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ସ୍ଥାନୀୟ ପୋଲିସ ବିଭାଗ ଅଧିକାରୀଙ୍କ ଦ୍ୱାରା ମହାବିଦ୍ୟାଳୟରେ ଚାରାରୋପଣ କରାଯାଇଛି। ଇତିହାସ ବିଭାଗ ମୁଖ୍ୟ ରଞ୍ଜୁସା କୁମାରୀ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଇବର ଠକେଇରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା। ଏଇ ଅବସରରେ ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ଆୟୋଜିତ ଏକ ଓପନ୍ କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟାପକ ନୃପେନ୍ଦ୍ର ନାଥ ଖୋସ୍‌ଲା, ଲକ୍ଷ୍ମୀକାନ୍ତ ସୌରା, ପଞ୍ଚାନନ ଦାସ, ଭୁବନ ହରିଜନ, ଅକ୍ଷୟ ନାୟକ, ପଙ୍କଜ ଗରଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ସୁରଭିରେ ବିଭିନ୍ନ ପ୍ରତିଯୋଗିତା

ନନ୍ଦପୁର, ୩।୧୦(ଶଙ୍କର ପୂଜାରୀ)



କୋରାପୁଟ ଜିଲା ନନ୍ଦପୁର ବ୍ଲକ ଶିକ୍ଷା ବିଭାଗ ଅଧୀନ କୁଲାରସିଂ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ହେବାକୁ ଥିବା ମିଲେଟ ମହୋତ୍ସବ ଓ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ନିମନ୍ତେ ଛାତ୍ରୀ ଛାତ୍ରଙ୍କ ମଧ୍ୟରେ ମାଣ୍ଡିଆର ପୃଷ୍ଟି ପୋଷଣ ଓ ଉପାଦେୟତା ସମ୍ପର୍କରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବ୍ଲକ ଓ ଜିଲାସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାକୁ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କୁ ବିଇଓ ଭବାନୀ ନନ୍ଦନ ପଟ୍ଟନାୟକ ପରାମର୍ଶ ଦେଇଥିଲେ।

## ଟ୍ରେଞ୍ଚ ଖୋଳା କାମରେ ଦୁର୍ନୀତି ଅଭିଯୋଗ

ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ମେଣ୍ଡ୍ରିଗୁଡା ଗାଁରେ ଟ୍ରେଞ୍ଚ ଖୋଳା ନାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ଆସିଛି। କମ ଶ୍ରମିକ ଓ କମ କାମ କରାଯାଇ ଲକ୍ଷାଧିକ ଟଙ୍କା ଉଠାଯାଇଥିବା ଭଳି ଏକ ଗୁରୁତର ଅଭିଯୋଗ ଗାଁର ମେଟ୍ ଓ ଗ୍ରାମର କେତେଜଣ ବ୍ୟକ୍ତି ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ ଜଣାଇଛନ୍ତି।

ସେମାନେ କରିଥିବା ଅଭିଯୋଗ ଅନୁଯାୟୀ ଗାଁରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବଡଡଙ୍ଗ୍ରୀ ଟ୍ରେଞ୍ଚ, ମଶାଣିପଦା ପାଖ କାଜୁବାଡ଼ ଟ୍ରେଞ୍ଚ, ବାଉଁଶପଦର ପାଖରେ ଟ୍ରେଞ୍ଚ ଓ ଖୁଟୁଗୁଡ଼ାରେ କୃଷ୍ଣଚନ୍ଦ୍ର କାଜୁବଗିଚା ଟ୍ରେଞ୍ଚ ଖୋଳାଯାଇଛି। ଏହି କାମ ଗୁଡିକରେ ୧୦୦ ମିଟରରୁ ୮ଶହ ମିଟର ମଧ୍ୟରେ ଖୋଳାଯାଇଛି। କମ୍ ଶ୍ରମିକଙ୍କୁ ନିୟୋଜିତ କରାଯାଇ କାମ ହୋଇଛି। କିନ୍ତୁ ଅଧିକ ଶ୍ରମିକ ଲଗାଇ କାମ କରାଯାଇଥିବା ଦର୍ଶାଇ ବହୁପରିମାଣର ଅର୍ଥ ବିଲ୍ କରାଯାଇଛି। କିନ୍ତୁ ଯେଉଁ ଶ୍ରମିକମାନେ କାମ କରିଥିଲେ ସେମାନଙ୍କୁ ମଜୁରୀ ମିଳି ନ ଥିବାର ଅଭିଯୋଗ ହୋଇଛି। ଜିଆରଏସ ମେଟ୍‌ମାନଙ୍କୁ ଗୁରୁତ୍ୱ ଦେଇନାହାନ୍ତି। କାମ ଆରମ୍ଭ କରିବା ପୂର୍ବରୁ ମେଟ୍‌ମାନଙ୍କୁ ଜଣାଇବା ଜରୁରୀ। ମେଟ୍‌ମାନଙ୍କ ଜରିଆରେ ଶ୍ରମିକ ମାନଙ୍କୁ ନିୟୋଜିତ କରିବା କଥା। କିନ୍ତୁ ମେଟ୍ କୁ ଜଣାଯାଉନାହିଁ। ଦୁର୍ନତି ପାଇଁ ଜିଆରଏସ୍ ଓ ସରକାରୀ କର୍ମଚାରୀ ଦାୟୀ ବୋଲି ସେମାନେ କହିଛନ୍ତି। କିଛି ପୋଷ୍ଟ ଅଫିସକୁ ହାତ କରି କାମ କରୁ ନ ଥିବା ଶ୍ରମିକଙ୍କ ନାମରେ ତାଙ୍କ ଅଜାଣତରେ ଟଙ୍କା ଉଠାଯାଉଥିବା ଭଳି ଗୁରୁତର ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ଏକ ଅଭିଯୋଗ ପତ୍ର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ବିଡିଓଙ୍କ ଜରିଆରେ ତଦନ୍ତ କରିବା ପାଇଁ ଅଧିକାରୀ କହିଥିବାର ମେଟ୍ ଓ ଗ୍ରାମବାସୀ କହିଛନ୍ତି। ମଙ୍ଗଳବାର ଜିଲାପରିଷଦ କାର୍ଯ୍ୟାଳୟକୁ ମେଟ୍ କୁବେର ଭତ୍ରା, ଲକ୍ଷ୍ମଣ ପୂଜାରୀ, ଗ୍ରାମର ରମେଶ ପନକା, ବୃନ୍ଦା ଗଣ୍ଡ, ଲକ୍ଷ୍ମଣ ପୂଜାରୀ, ମକରନ୍ଦ ଭତ୍ରା ଓ ପଦ୍ମା ଭତ୍ରା ପ୍ରମୁଖ ଆସିଥିଲେ। ସେମାନେ ଗ୍ରାମବାସୀ ଦସ୍ତଖତ କରିଥିବା ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

# ଶିବିରରେ ୪୨ ଅଭିଯୋଗର ଶୁଣାଣି

ନବରଙ୍ଗପୁର,୩।୧୦(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ୪୨ଜଣଙ୍କ ଆପତ୍ତି ଅଭିଯୋଗ ପଞ୍ଜୀକରଣ କରାଯାଇଥିଲା। ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଓ ୪ଟି ଗୋଷ୍ଠୀଗତ ଆପତ୍ତି ଅଭିଯୋଗ ରହିଛି। ପ୍ରଧାନମନ୍ତ୍ରୀ ଆବାସ, ଘରଡ଼ିହ ପଟ୍ଟା, ଜମି ଚିହ୍ନଟ, ଜମିଜମା ବିବାଦ, ଡାକ୍ତରୀ ଚିକିତ୍ସା ପାଇଁ ଆବଶ୍ୟକ ଆର୍ଥିକ ସହାୟତା, କଲେଜ ପାଠ ପାଇଁ ନାମଲେଖାଇବା, ନଳକୂପ ଖନନ, ରାସ୍ତା ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମର ଶ୍ରମିକଙ୍କ ବକେୟା ପାଉଣା, ଦୁର୍ଘଟଣା ମୃତ୍ୟୁଜନିତ ଆର୍ଥିକ ସହାୟତା ପ୍ରମୁଖ ଅଭିଯୋଗକୁ ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ଶୁଣାଣି କରିଥିଲେ। ଏହାର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଏଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଉପଜିଲାପାଳ ପ୍ରକାଶ ମିଶ୍ର, ଆଇଟିଡିଏ ପିଏ ରାଜୀବ ସାହୁ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ମଳୟ ତ୍ରିପାଠୀ, ଡିଇଓ ପ୍ରଦୀପ କୁମାର ନାଗ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର ପାଣି, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପତ୍ର, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପଲକାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ଅଧିକାରୀମାନେ ଜଣେ ବ୍ୟକ୍ତିଙ୍କ ଅଭିଯୋଗ ଶୁଣୁଛନ୍ତି।

# ଆଦିବାସୀ ନାଚଗୀତରେ ସଚେତନତା ବାର୍ତ୍ତା

### ମାଁ କଳସୀ ଠାକୁରାଣୀଙ୍କ ପୀଠରେ ନୂଆଁଖାଇ ଭେଟଘାଟ

ରାଇଘର, ୩।୧୦(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ମା କଳସୀ ଠାକୁରାଣୀ ପୀଠରେ ମଙ୍ଗଳବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଏହି ଭେଟଘାଟରେ ରାଇଘର ବ୍ଲକ ସାତପାଲି ଗ୍ରାମବାସୀ ଏକତ୍ରିତ ହୋଇ ପ୍ରଥମେ ଗ୍ରାମରେ ବୁଲିଥାନ୍ତି। ଏହା ପରେ ଠାକୁରାଣୀ ପୀଠକୁ ଯାଇ ପୂଜାର୍ଚ୍ଚନା କରାଯାଇଛି। ଏହାପରେ ରାଇଘର, କୁମ୍ଭାରପାରା, କୁମୁଲି ଓ ଆଖପାଖ ଗ୍ରାମର କୁନି କୁନି ପିଲାମାନେ ଆଦିବାସୀ ନାଚ ଗୀତରେ ପାଠ ପଢିବା, ପରିବେଶ ସଫା ରଖିବା, ନିଶାଦ୍ରବ୍ୟ ସେବନ ନ କରିବା, ଦେହ ଖରାପ ହେଲେ ଡାକ୍ତରଙ୍କୁ ପରାମର୍ଶ କରିବା ଓ ଶେଷରେ କନ୍ୟା ଜନ୍ମକୁ ବିରୋଧ ନ କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ରାଇଘର ବ୍ଲକ ଅଧ୍ୟକ୍ଷା ନବୀନା ନାୟକ, ପୂର୍ବତନ ବିଧାୟକ ସୁବାସ ଗଣ୍ଡ, ସନ୍ତୁ ମହାପାତ୍ର ଓ ରାଇଘର ବ୍ଲକ ଗଣ୍ଡ ସମାଜ ସଭାପତି ମଣିରାମ ଗଣ୍ଡ ଅତିଥିଭାବେ ଯୋଗଦେଇଥିଲେ। ମା ପେଣ୍ଠାଣୀ, ମା କଳସୀ, ମା ମଉଳିଙ୍କ ପୂଜାରୀ ପୂଜା ବିଧି କରିଥିଲେ। ଏହାପରେ ଗ୍ରାମ ମୁଖିଆ (ଗାଉଁଟିଆ) ମୁନା ରାଜପୁତ, ଗଞ୍ଜାପାରା ଗଉଁତିଆ ସୁଦର୍ଶନ ମାଝିଙ୍କ ସମେତ ପାତ୍ର, ମାଳୀ ଓ ନେଙ୍ଗୀ କୁଳ ସମେତ ସାତପାଲିର ମୁଖିଆ ରହିବା ସହ ସମସ୍ତ ଗ୍ରାମର ମହିଳା ପୁରୁଷ ନୂଆଖାଇ ଭେଟଘାଟରେ ଯୋଗଦେଇଥିଲେ। ଏହି ଭେଟଘାଟରେ ୫୦୦ ଉର୍ଦ୍ଧ୍ୱ ଗ୍ରାମବାସୀ ଏକାଠି ହୋଇଥିଲେ।



ଯୁବତୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

